

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 OCTOBER 2022

Vol.No. 33 ■ No. 274 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶା ଉପରେ ସିଧାସଳଖ ପ୍ରଭାବ ପକାଇବନି ବାତ୍ୟା

ଭୁବନେଶ୍ୱର, ୨୧/୧୦(ନି.ପ୍ର): ଧୀରେ ଧୀରେ ସ୍ପଷ୍ଟ ହେବାରେ ବାତ୍ୟାର ସ୍ଥିତି, ଗତି ଓ ବେଗ । କେଉଁ ବାଟ ଦେଇ ଯିବ, ସେ ନେଇ ଗତିପଥ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ । ନଜର ପକାନ୍ତୁ ବାତ୍ୟାର ଗତିପଥ ଉପରେ । ଯାହା ପୂର୍ବାନୁମାନ ହୋଇଛି, ସେଥିରୁ ଜଣାପଡିଛି, ଓଡ଼ିଶା ଛୁଇଁବ ନାହିଁ ବାତ୍ୟା, ଉପକୂଳ ସହ ସମାନ୍ତରାଳ ଭାବେ ଗତି କରିବ । ଗତିପଥ ଅନୁସାରେ ଓଡ଼ିଶା ଉପକୂଳରୁ ପ୍ରାୟ ୨୦୦ କିଲୋମିଟର ଦୂରରେ ରହି ପଶ୍ଚିମବଙ୍ଗ ଓ ବାଂଲାଦେଶ ମୁହାଁହେବ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ୨୨ ତାରିଖରେ ଅବପାତର ରୂପ ନେବ । ଏହି ସମୟରେ ସମୁଦ୍ର ମଧ୍ୟରେ ୪୫ରୁ ୫୫ କିମି ବେଗରେ ପବନ ବହିପାରେ । ୨୩ ତାରିଖରେ ତୀବ୍ର ଅବପାତରେ




ପରିଣତ ହେବ । ପବନର ବେଗ ବଢ଼ିବ । ଏହା ପରେ ରିକର୍ଭ ବା ଗତିପଥ ବଦଳିବ । ୨୪ ତାରିଖ ସକାଳେ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି । ବାତ୍ୟାର କେନ୍ଦ୍ରସ୍ଥଳରେ ଘଂଟା ପ୍ରତି ୬୫-୭୫ କିମି ବେଗରେ ପବନ ବହିପାରେ । ଯାହାର ଝଟକା ୮୫ କିମି ପର୍ଯ୍ୟନ୍ତ ହୋଇପାରେ । ସେହି ୨୪ ତାରିଖ ଅପରାହ୍ଣରେ ୧୦୦ କିଲୋମିଟର ବେଗରେ ପବନ ଝଟକା ଦେଇପାରେ । ସେହିପରି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି, ଅକ୍ଟୋବର ୨୫ ତାରିଖ ଅପରାହ୍ଣରେ ଏହା ଭୀଷଣ ସାମୁଦ୍ରିକ ଝଡ଼ର ରୂପ ନେଇପାରେ । ୨୫ ତାରିଖ ସଂଧ୍ୟା ସୁଦ୍ଧା ଭୀଷଣ ସାମୁଦ୍ରିକ ଝଡ଼ର ରୂପ ନେଇ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ପହଂଚିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ସେହି ସମୟରେ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ଯାହାର ଝଟକା ୧୧୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ । ଅକ୍ଟୋବର ୨୬ ତାରିଖ ସକାଳରୁ ବାତ୍ୟା ପ୍ରକୋପ ଧୀରେ ଧୀରେ ହ୍ରାସ ପାଇବ । ତେବେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ିନପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ବାତ୍ୟା ଓଡ଼ିଶା ଉପକୂଳର ▶▶ପୃଷ୍ଠା ୭

## ୬ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

- ■ କେବଳ ଲିଖିତ ପରୀକ୍ଷା ଦେବେ ପ୍ରାଣୀ ଚିକିତ୍ସକ
- ■ ଜୁଡିସିଆଲ ଅଫିସରମାନଙ୍କ ଦରମା ବଢ଼ିବ
- ■ ଓଏଏସ୍ କ୍ୟାଡରରେ ୧୨୫ ଟି ଅତିରିକ୍ତ ପଦବୀ ସୃଷ୍ଟି

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସଂଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ବିଭାଗର ୬ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ଲାଗିଛି । ବିଶେଷ କରି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଆଇନ୍ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଳ ସମ୍ପଦ ଓ ପୂର୍ତ୍ତ ବିଭାଗର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । କ୍ୟାବିନେଟ୍ ନିଷ୍ପତି ସମ୍ପର୍କରେ ସୂଚନା ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି ଓଡିଶା ଭେଟେନାରୀ ସର୍ଭିସ୍ ବା




ଓଡିଶା ପ୍ରାଣୀ ଚିକିତ୍ସା (ନିଯୁକ୍ତି ଓ ସେବା ସର୍ତାବଳୀ)ସଂଶୋଧିତ ନିୟମାବଳୀ ୨୦୨୨ କ୍ୟାବିନେଟ୍ ଅନୁମୋଦନ ଲାଭ କରିଛି । ଏହାଦ୍ୱାରା ପ୍ରାଣୀ ଚିକିତ୍ସିକ ମାନଙ୍କର ନିଯୁକ୍ତି, ମେଡିକାଲ ଅଫିସର, ହୋମିଓପାଥିକ ମେଡିକାଲ ଅଫିସର ଏବଂ ଆୟୁର୍ବେଦିକ ମେଡିକାଲ ଅଫିସରମାନଙ୍କର ନିଯୁକ୍ତି ପରି କେବଳ ଲିଖିତ ପରୀକ୍ଷା ଭିତିରେ ହେବ। ▶▶ପୃଷ୍ଠା ୭

## ରାତି ୮ରୁ ୧୦ ବାଣ ଫୁଟା

ଭୁବନେଶ୍ୱର, ୨୧/୧୦(ନି.ପ୍ର): ତିନି ଦିନ ପରେ ଦୀପର ପର୍ବ 'ଦୀପାବଳି' ପାଳନ ହେବ। କରୋନା ପ୍ରକୋପ କମିଥିବାରୁ ଧୁମଧାମରେ ଦୀପାବଳି ପାଳିବାକୁ ଲୋକେ ଅପେକ୍ଷା କରିଛନ୍ତି ।ଏହି ସମୟରେ କମିସନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଜାରି କରିଛି । କମିସନରେଟ ପୁଲିସ ପକ୍ଷରୁ ଦୀପାବଳି ପାଇଁ ନିର୍ଦ୍ଦେଶାବଳି ଜାରି ହୋଇଛି। ଦୀପାବଳି ଦିନ ମାତ୍ର ୨ ଘଂଟା ବାଣ ଫୁଟାଇବାକୁ ଅନୁମତି ରହିଛି। ଏହା ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇ ପାରିବେ। ପୁଣି ୧୨୫ ଡେସିବଲରୁ କମ ଶବ୍ଦ କରୁଥିବା ବାଣକୁ ଅନୁମତି ମିଳିଛି। ଗାଇଡଲାଇନ ଉଲ୍ଲଂଘନ କରି ରାତି ୮ଟା ପୂର୍ବରୁ କିମ୍ବା ୧୦ଟା ପରେ ବାଣ ଫୁଟାଇଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବ। ସେହିପର ବାଣ ବିକ୍ରି ପାଇଁ କମିସନରେଟ ପୁଲିସ ପକ୍ଷରୁ ରାଜଧାନୀର ୩୦ଟି ଖୋଲାସ୍ଥାନ ଚିହ୍ନଟ କରାଯାଇଛି । କେବଳ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀ ବାଣ ବିକ୍ରି କରିପାରିବେ । ଚିହ୍ନଟ ସ୍ଥାନ ଛଡା ଅନ୍ୟ କେଉଁଠି ବାଣ ବିକ୍ରି ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

## ବ୍ରିଟେନ ପ୍ରଧାନମନ୍ତ୍ରୀ ରେସରେ ଭାରତୀୟ ବଂଶୋଦ୍ଭବ ରିଷି ସୁନକ

ନୂଆଦିଲ୍ଲୀ, ୨୧/୧୦ : ମାତ୍ର ୪୫ ଦିନ ପଦବୀରେ ରହିବା ପରେ ଇସ୍ତଫା ଦେଇଛନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ । ତାଙ୍କ ଇସ୍ତଫା ପରେ କିଏ ହେବ ଆଗାମୀ ପ୍ରଧାନମନ୍ତ୍ରୀ, ତାକୁ ନେଇ ନାନା ଆକଳନ ଚାଲିଛି । ତେବେ ଏହି ଦୌଡ଼ରେ ସବୁଠୁ ଆଗରେ ଅଛନ୍ତି ଭାରତୀୟ ବଂଶୋଦ୍ଭବ ରିଷି ସୁନକ । ପରବର୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚନକୁ ନେଇ ବ୍ରିଟେନ୍ ରାଜନୀତିରେ ବେଟିଂ ଆରମ୍ଭ ହୋଇଯାଇଛି । କୁହାଯାଉଛି ଖୁବଶୀଘ୍ର ଟ୍ରସ ସରକାର ଭାଙ୍ଗିବ



ଏବଂ ରିଷି ସୁନକ ପରବର୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି । ବୁକି ଦେଇଥିବା ସୂଚନା ଅନୁସାରେ ରିଷି ସୁନକ ଓ ପେନି ମୋର୍ଡଂଟ ବଡ଼ ଦାୟିତ୍ୱ ନେବାର ସମ୍ଭାବନା ଅଧିକ ରହିଛି । ବୁକିଙ୍କ ଅନୁସାରେ ରିଷି ସୁନକଙ୍କ ସପକ୍ଷରେ ୧୩-୮ ବେଟିଂ ଲଗାଯାଇଛି । ୫୦ ପ୍ରତିଶତ ବୁକିଙ୍କ ମତରେ ସୁନକ ହେବେ ବ୍ରିଟେନର ପରବର୍ତୀ ପ୍ରଧାନମନ୍ତ୍ରୀ । ତାଙ୍କ ପରେ ରହିଛି ପେନି ମର୍ଡୋଂଟଙ୍କ ନାଁ । ତାଙ୍କ ସପକ୍ଷରେ ୩୦ ପ୍ରତିଶତ ବେଟିଂ ହୋଇଛି । ଦୌଡ଼ରେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ମଧ୍ୟ ରହିଛି । ଜନସନଙ୍କ ସମ୍ଭାବନା ୧୬ ପ୍ରତିଶତ ▶▶ପୃଷ୍ଠା ୭

## ପ୍ରଣବ ପ୍ରକାଶ ଓସିଏ ସଭାପତି



ଭୁବନେଶ୍ୱର, ୨୧/୧୦(ନି.ପ୍ର): ଓଡିଶା କ୍ରିକେଟ୍ ଆସୋସିଏସନ୍ ବା ଓସିଏ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଶେଷ ହୋଇଛି । ଓସିଏ ସଭାପତି ପଦ ପାଇଁ ପ୍ରଣବ ପ୍ରକାଶ ଦାସ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ବେଳେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କେବଳ ଔପଚାରିକ ଘୋଷଣା ବାକି ରହିଛି । ସେହିପରି ସଂପାଦକ ଭାବେ ସଞ୍ଜୟ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଏବଂ ପ୍ୟାନେଲରେ ପ୍ରଣବଙ୍କ ସମେତ ୬ ଜଣ ସଦସ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସରିଥିବାବେଳେ କେବଳ ଔପଚାରିକ ଘୋଷଣା ବାକି ଅଛି । ଏହି ଅବସରରେ ପ୍ରଣବ ପ୍ରକାଶ ନିର୍ଦ୍ୱନ୍ଦରେ ସଭାପତି ନିର୍ବାଚିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଗାମୀ ଦିନରେ କ୍ରିକେଟର ବିକାଶ ହେବ ବୋଲି କହିଛନ୍ତି ନିବନିର୍ବାଚିତ ଓସିଏ ସଭାପତି ।

## ଜେଲ ଗଲେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ

ଭୁବନେଶ୍ୱର, ୨୧/୧୦(ନି.ପ୍ର): ଜେଲ ଯାଇଛନ୍ତି ଲେଡି ବ୍ଲାକ ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ। ଜଗବନ୍ଧୁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ତଳ କୋର୍ଟ ଜଗବନ୍ଧୁଙ୍କ ଜାମିନ ଖାରଜ କରିଦେଇଛନ୍ତି। ଜଗବନ୍ଧୁଙ୍କ ଜାମିନ ଆବେଦନ ଖାରଜ ହୋଇଯିବା ଫଳରେ ତାଙ୍କୁ ଝାରପଡ଼ା ଜେଲ ପଠାଇ ଦିଆଯାଇଛି। ଜଗବନ୍ଧୁଙ୍କ ନାଁରେ ମଧ୍ୟ ଅର୍ଚ୍ଚନାଙ୍କ ପରି ସମାନ ଦଫା ଲାଗିଛି । ଜଗବନ୍ଧୁଙ୍କ ଓକିଲ କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ପୁନଶ୍ଚ ଜାମିନ ଆବେଦନ କରାଯିବ। ଅନ୍ୟପକ୍ଷରେ ଜଗବନ୍ଧୁଙ୍କ ଗିରଫଦାରୀ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି ମାମଲାରେ ଯାହାର ବି ସଂପୃକ୍ତି ଥିବ କାର୍ଯ୍ୟାନୁଷ୍ଠାନ ହେବ। ୬ରେ ଅର୍ଚ୍ଚନା ଗିରଫ



ହୋଇଥିଲେ । ଆଜି ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ଅର୍ଚ୍ଚନାଙ୍କ ଭଳି ଜଗବନ୍ଧୁଙ୍କ ନାଁରେ ବି ସମାନ ଅଭିଯୋଗ ରହିଥିଲା। ସେହିପରି ଗିରଫ ଜଗବନ୍ଧୁଙ୍କ ଘରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ମିଳିଛି। ଏହାମଧ୍ୟରେ ୪ଟି ମୋବାଇଲ, ଗୋଟିଏ ଲାପଟପ ଓ ଗୋଟିଏ ଡାଏରୀ ମିଳିଛି। ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଂଟ ମିଳିଥିବା ବି କହିଛନ୍ତି ଡିସିପି ପ୍ରତୀକ ସିଂ। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଜଗବନ୍ଧୁଙ୍କୁ ହାଜର କରାଯାଇଥିଲା। ଆଜି ସକାଳୁ ଜଗବନ୍ଧୁଙ୍କୁ ଗିରଫ କରାଯିବା ପରେ ତାଙ୍କୁ ପ୍ରଥମେ ଖଣ୍ଡଗିରି ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଏହା ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ କୋର୍ଟ ଚାଲାଣ କରାଯାଇଥିଲା। ଆଜି ସକାଳେ ସତ୍ୟବିହାରସ୍ଥିତ ଘରୁ ଲେଡି ବ୍ଲାକମେଲର ଜଗବନ୍ଧୁ ଚାନ୍ଦଙ୍କୁ କମିସନରେଟ୍ ପୁଲିସ ଉଠାଇ ନେଇଥିଲା।

## ପଶ୍ଚିମ ଓଡିଶାରେ ୫୦ କୋଟି ଟଙ୍କାର ୧୮ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପଶ୍ଚିମ ଓଡିଶା ପାଇଁ ୧୪.୬୯ କୋଟି ଟଙ୍କା ବିନିଯୋଗରେ୯ଟି ପ୍ରକଳ୍ପ ଲୋକାର୍ପିତ କରିଥିବା ବେଳେ ୩୩.୬୮ କୋଟି ଟଙ୍କାରେ ଆଉ ୯ଟି ପ୍ରକଳ୍ପ ପାଇଁ ଭିତିଭୂମି ରଖିଛନ୍ତି । ଲୋକାର୍ପିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ସ୍କୁଲ, କଲ୍ୟାଣ ମଣ୍ଡପ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆଦିର ବିକାଶ ସହିତ କୋମନା ଠାରେ ଏକ ମିଲେଟ୍ ପ୍ରକ୍ରିୟାକରଣ



ପ୍ରକଳ୍ପ ରହିଛି । ସେହିପରି ଭିତିଭୂମି ରଖାଯାଇଥିବା ପ୍ରକଳ୍ପ ମାନଙ୍କ ମଧ୍ୟରେ ଇକୋ ଟୁରିଜିମ, ଭିତିଭୂମି, ଇକୋ ପାର୍କ, ଷ୍ଟାଡିଅମ, ହସ୍ତତନ୍ତ ମଲ୍ ଆଦିର ବିକାଶ କାର୍ଯ୍ୟକ୍ରମ ରହିଛି । ▶▶ପୃଷ୍ଠା ୭

## ସେନା ହେଲିକପ୍ଟର କ୍ରାଶ : ସମସ୍ତ ୫ ସଦସ୍ୟ ମୃତ

ନୂଆଦିଲ୍ଲୀ, ୨୧/୧୦ : ଅରୁଣାଚଳ ପ୍ରଦେଶର ଅପର ସିଆଙ୍ଗରେ ଆଜି ସେନା ହେଲିକପ୍ଟର କ୍ରାଶ ଘଟଣାରେ ନୂଆ ଅପଡେଟ ସାମ୍ନାକୁ ଆସିଛି। ହେଲିକପ୍ଟରେ ମୋଟ ୫ ଜଣ ସେନା କର୍ମଚାରୀ ଥିଲେ। ସେହିପରି ଦୁର୍ଘଟଣାରେ ହେଲିକପ୍ଟରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ସମସ୍ତେ ପ୍ରାଣ ହରାଇଛନ୍ତି। ତେବେ ଉଦ୍ଧାରକାରୀ ଦଳ ଏଯାଏ କେବଳ ୨ ଜଣଙ୍କ ମୃତଦେହ ଠାବ କରିଛନ୍ତି। ଦୁଇ ପାଇଲଟଙ୍କୁ ମିଶାଇ ଏଚଏଏଲ ରୁଦ୍ରରେ ୫ ଜଣ ଥିଲେ। ଏହା ଏକ ଆଡଭାନ୍ସଡ ଲାଇଟ ହେଲିକପ୍ଟର। ହେଲିକପ୍ଟରଟି ମିଗିଙ୍ଗ ଜିଲ୍ଲାର ଗୋଟିଏ ଘଞ୍ଚ ଜଙ୍ଗଲ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଖସି ପଡ଼ିଥିଲା। ଫଳରେ ଏଥିରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣା ଘଟିଥିବା ଅଞ୍ଚଳକୁ କୌଣସି ସଡ଼କ କିମ୍ବା ଜଳପଥରେ ପହଞ୍ଚିବାର ବ୍ୟବସ୍ଥା ନାହିଁ। ତେଣୁ ୩ଟି ଉଦ୍ଧାରକାରୀ ଟିମ୍ ? ହେଲିକପ୍ଟର ଯୋଗେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଅକ୍ଲାନ୍ତ ପରିଶ୍ରମ କରି ଘଟଣାସ୍ଥଳରୁ ୨ଜଣଙ୍କ ମୃତଦେହ ଏଯାଏ ଉଦ୍ଧାର କରିଛନ୍ତି।

## ଆନନ୍ଦବଜାରରେ ଲାଗିବ ମହାପ୍ରସାଦ ଦର ତାଲିକା

ଭୁବନେଶ୍ୱର, ୨୧/୧୦(ନି.ପ୍ର): ଶ୍ରୀମନ୍ଦିରରେ ଅବଢ଼ା ଦର ବୃଦ୍ଧିକୁ ନେଇ ଖବର ପ୍ରସାରଣ ପରେ ଆନନ୍ଦ ବଜାରରେ ମହାପ୍ରସାଦର ଦର ତାଲିକା ଲଗାଇବାକୁ ଯୋଜନା କରିଛି ପ୍ରଶାସନ । ଶ୍ରୀମନ୍ଦିର ପ୍ରଶାସନ, ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରି କାର୍ତିକ ମାସ ପରେ ଆନନ୍ଦବଜାରରେ ମହାପ୍ରସାଦ ଦର ତାଲିକା ଲଗାଇବାକୁ ନିଷ୍ପତି ନେଇଛି । ଏନେଇ ସୂଚନା ଦେଇ ପୁରୀ ଜିଲ୍ଲାପାଳ କହିଛନ୍ତି, ଖୁବଶୀଘ୍ର ମହାପ୍ରସାଦର ଦର ନିର୍ଦ୍ଧାରଣ କରାଯିବ । ରେଟ ଚାଟ୍ କିଭଳି ଯଥାଶୀଘ୍ର ଲାଗିବ ସେନେଇ ବ୍ୟାବସ୍ଥା କରାଯାଉଛି । ଆଗାମି ଦିନରେ ଶ୍ରଦ୍ଧାଳୁମାନେ କେମିତି ସୁଲଭ ଦରରେ ଅବଢ଼ା ପାଇବେ ସେଥିପାଇଁ ବନ୍ଦୋବସ୍ତ କରାଯାଉଛି । ତେବେ କେବଳ କାର୍ତିକ ମାସରେ ନୁହେଁ ବରଂ ବିଭିନ୍ନ ଯାନିଯାତ୍ରା ସମୟରେ ମହାପ୍ରସାଦର ଦର ଯଥେଷ୍ଟ ବୃଦ୍ଧି ପାଉଥିବା କଥାକୁ ସ୍ୱୀକାର କରିଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ । ତେବେ ଯିଏ ଚଢ଼ାଦରରେ ମହାପ୍ରସାଦ ବିକ୍ରି କରୁଛନ୍ତି, ସେମାନଙ୍କ ବିରୋଧରେ ସୁଆର ମହାସୁଆର ନିକଟରେ ଅଭିଯୋଗ କରିବାକୁ ସେ ଅପିଲ କରିଛନ୍ତି । ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଧର୍ମମାସ କାର୍ତିକରେ ହବିଷ୍ୟାନ୍ନ ଖାଇବାକୁ ବହୁ ଲୋକ ଇଛା କରିଥାନ୍ତି । ତେଣୁ ଘରେ ଓ ବିଭିନ୍ନ ମନ୍ଦିରରେ ପ୍ରସ୍ତୁତ ହୋଇଥାଏ ହବିଷାନ୍ନ । ଏକାମ୍ରକ୍ଷେତ୍ରରେ ଥିବା ଅନନ୍ତବାସୁଦେବ ମନ୍ଦିରେ ବିଭିନ୍ନ ପ୍ରକାରର ବ୍ୟଂଜନ ପ୍ରସ୍ତୁତ ହୋଇଥାଏ । ଯାହା ଖାଇବାକୁ ରାଜଧାନୀବାସୀଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳିଥାଏ । ଦର ବି ଅପେକ୍ଷାକୃତ ଭାବେ କମ୍ ଥିବାରୁ ଶ୍ରଦ୍ଧାଳୁମାନେ ଖୁସିରେ ଖୁସିରେ ଅନନ୍ତବାସୁଦେବ ମନ୍ଦିରରେ ମିଳୁଥିବା ବିଭିନ୍ନ ପ୍ରକାରର ବ୍ୟଞ୍ଜନକୁ ଖାଇଥାନ୍ତି । କାର୍ତିକ ମାସରେ ଶ୍ରୀମନ୍ଦିରରେ ଚଢ଼ା ଦରରେ ଅବଢ଼ା ବିକ୍ରି ନେଇ ଅଭିଯୋଗ ଆସିଥିଲା । ଦର ବଢ଼ିବା ଯୋଗୁଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅବଢ଼ା ନଖାଇ ବାଧ ହୋଇ ନିରାଶ ହୋଇ ଫେରି ଯାଇଥିବା ଖବର ସମସ୍ତଙ୍କୁ ଚକିତ କରିଥିଲା ।

## ବିଜେପି ବିଜୟର ଆୟୁଧ ହେବ ଧାମନଗରବାସୀଙ୍କ ଜନବଳ : ଧର୍ମେନ୍ଦ୍ର

ଭଦ୍ରକ/ଭୁବନେଶ୍ୱର, ୨୧/୧୦(ନି.ପ୍ର): ସ୍ୱାଭିମାନୀ ଭଦ୍ରକ ଜିଲ୍ଲାର ଧାମନଗର ଅଂଚଳରେ କ୍ଷମତା ଓ ଅର୍ଥବଳକୁ ଶାସକ ଦଳ ରଣନୀତି କରିଥିବା ବେଳେ ଧାମନଗରବାସୀଙ୍କ ଜନବଳ ବିଜେପି ବିଜୟର ଆୟୁଧ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ଭଦ୍ରକ ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀଙ୍କ ସମେତ ଜିଲ୍ଲାର ବରିଷ୍ଠ ନେତା ଓ କାର୍ଯ୍ୟକର୍ତାଙ୍କ ସହ ଧାମନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ଅନୁଷ୍ଠିତ 'କାର୍ଯ୍ୟକର୍ତା ବୈଠକ'ରେ ଯୋଗଦେଇ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିଛନ୍ତି । ଏ ନେଇ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ




ଧାମନଗର ହେଉଛି ସ୍ୱାଭିମାନର ମାଟି । ଭଦ୍ରକର ବୀର ସଂଗ୍ରାମୀମାନେ ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ମାତ୍ର ଶାସକ ଦଳର ଲମ୍ବା ସମୟର ଶାସନ ପରେ ମଧ ଆଜି ଅନେକ ସମ୍ଭାବନାରେ ପରିପୂର୍ଣ୍ଣ ଭଦ୍ରକ ଜିଲ୍ଲା ଓ ଧାମନଗରବାସୀ ଉପେକ୍ଷିତ। ଏଠାରେ ଶାସକ ଦଳ ବିଜେଡ଼ି ଶାସନ କଳ ଓ ଅର୍ଥ ବଳକୁ ମାଧ୍ୟମ କରିଛନ୍ତି । କିନ୍ତୁ ବିଜେପି ସାଙ୍ଗରେ ଏ ଅଂଚଳରେ ଲୋକ ବଳ ଅଛି । ଯେଉଁ ସ୍ୱାଭିମାନୀ ଅଂଚଳ ଦେଶର ସ୍ୱତନ୍ତ୍ରତା ସଂଗ୍ରାମ ପାଇଁ ନେତୃତ୍ୱ ନେଇଥିଲା ସେହି ଅଂଚଳ ପାଇଁ ଶାସକ ଦଳ ଅହଙ୍କାର କରିବା ଉଚିତ୍ ନୁହେଁ। ଗତ ନିର୍ବାଚନରେ ଶାସକ ଦଳର ଅହଙ୍କାର ଯୋଗୁଁ ଧାମନଗରବାସୀ ତାଙ୍କ ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ। ଅତୀତରେ ମଧ ଲମ୍ବା ସମୟ ଶାସନରେ ଥିବା ଲୋକମାନଙ୍କର ଅହଙ୍କାର ଥିଲା। ମାତ୍ର ଏକ କୁତ୍ସିତ ଘଟଣା ରାଜ୍ୟ ରାଜନୀତିରେ ପଟ୍ଟ ପରିବର୍ତନ କରିଥିଲା । ସ୍ଥାନୀୟ ସରକାରର ବ୍ୟଭିଚାରିତା ଓ ମନୋମୁଖୀ ଶାସନ କାରଣରୁ ଶାସକ ଦଳରେ ବିଦ୍ରୋହ ସୃଷ୍ଟି ହେଉଛି । ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପ୍ରସଙ୍ଗ ହେଉ କିମ୍ବା ଭୁବନେଶ୍ୱରରେ କୁତ୍ସିତ କାଣ୍ଡରେ ଶାସକ ଦଳର ପ୍ରଭାବଶାଳୀ ନେତା ଓ ପ୍ରଶାସନର ପ୍ରତିପତିଶାଳୀ ଲୋକମାନଙ୍କ ସମ୍ପୃକ୍ତି ରହିଥିବା ଖବର ପ୍ରସାରିତ ହେଉଛି । ଏହା ଶାସକ ଦଳର ପାରିବାପଣିଆର ନମୁନା । ଏହାକୁ ନେଇ ରାଜ୍ୟ ବିଶେଷ ଭାବରେ ମହିଳାଙ୍କ ମନ ଭିତରେ ଆକ୍ରୋଶ ତିଆରି ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ଥର ଭାରତୀୟ ଜନତା ପାର୍ଟି ଧାମନଗରରେ ଲୋକବଳ ଆଧାରରେ ଉପନିର୍ବାଚନ ଲଢୁଅଛି । ବେରୋଜଗାରୀ, ବନ୍ୟା ପ୍ରପୀଡ଼ିତଙ୍କ ଦୁଃଖ, ଲୋକ ସମସ୍ୟା ସମେତ ଜନଆକାଂକ୍ଷାକୁ ପୂରଣ କରିବା ପାଇଁ ନିର୍ବାଚନ ଲଢାଯାଉଛି। ▶▶ପୃଷ୍ଠା ୭

# ରାଉରକେଲାରେ ଖୋଲିଲା ଏଜୁକେଶନ ଅଫିସ

ରାଉରକେଲା ,୨୧/୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ବିଶ୍ରା ବ୍ଲକ ଏଜୁକେଶନ ଅଫିସ ଲାଗି ରାଉରକେଲାରେ ଥିବା ଉଦିତନଗର ଅଫିସ ଗତକାଲି ଠାରୁ ପୁଣି ଖୋଲା ଯାଇଛି। ଏହାଦ୍ୱାରା ସମଗ୍ର ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମହଲରେ ଖୁସିର ମାହୋଲ ଦେଖାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଅଫିସକୁ ବିଶ୍ରା ନେବା ଲାଗି ବିଧାୟକ ଶଙ୍କର ଓରାମ ଦାବି ଜଣାଇବା ପରେ ଏହି ଅଫିସକୁ ବିଶ୍ରା ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ ଅଫିସ ପ୍ରାୟ ଏହି ଠାରେ ଫାଟକ ବନ୍ଦ କରି ଚାଲିଥିଲା । ତେବେ ବିଶ୍ରାରେ ଅଫିସ ହେବା ପରେ ବିଇଓ ସେଠାକୁ ଯାଉ ନାହାନ୍ତି, ତେଣୁ ଏହାକୁ ନେଇ ପୁଣି ବିବାଦ ତେଜିବା ସହ ଆନ୍ଦୋଳନ ମଧ୍ୟ ବଢିଥିଲା ,ଏତିକି ବେଳେ ସହରାଂଚଳ ଲାଗି ସରକାର ଜଣେ ସିଇଓ ଦେବା ସହ ଏହି ପଦବୀରେ ସୁନ୍ଦରଗଡ ଏଡିଇଓ ସାରଙ୍ଗଧର ବରିହାଙ୍କୁ ଦାୟିତ୍ୱ ଦେଇଥିଲେ । ଏହାରି ଭିତରେ ବିଶ୍ରା ବିଇଓଙ୍କର ବଦଳି ହୋଇଗଲା। ଏହି ଦାୟିତ୍ୱରେ ଏଡିଇଓ ଶ୍ରୀ ବରିହା ରହିବା ସହ ଉଦିତ ନଗର ଅଫିସକୁ ଖୋଲିବା ଲାଗି କହିବାରୁ ସେହି ଅଫିସ ଖୋଲାଯାଇ କାମ ଆରମ୍ଭ ହୋଇଛି । ଏହାଦ୍ୱାରା ସମସ୍ତ ଶିକ୍ଷକ ଓ ଅଭିଭାବକ ମହଲରେ ଖୁସିର ବାତାବରଣ ଦେଖାଯାଇଛି। ଅଫିସରେ ରାଉରକେଲା ଶିକ୍ଷକ ମାନଙ୍କର ସର୍ଭିସ ବୁକ ଗୁଡିକୁ ବାହାର କରାଯାଇ ଅଲଗା କରାଯାଉଥିବା ବେଳେ ବିଶ୍ରା ଶିକ୍ଷକ ମାନଙ୍କର ମଧ୍ୟ ଅଲଗା କରାଚାଲିଛି । ବିଶ୍ରା ଅଫିସ ର ସମସ୍ତ କାଗଜପତ୍ର ମଧ୍ୟ ଅଲଗା କରାଚାଲିଛି । ତେବେ ଏହାରି ଭିତରେ ଏହି ଅଫିସର ଅନେକ କାମ ପଛେଇ ରହିଥିବା ବେଳେ ଏହାର ମୁଖ୍ୟ କିରାଣୀ ପଦବୀ ଖାଲି ପଡିଛି । ଜଣେ କିରାଣୀ ଏହାର ଦାୟିତ୍ୱରେ ରହି କାମ କରୁଛନ୍ତି, ଅତ୍ୟଧିକ ଚାପ ଯୋଗୁ ସେ ମଧ୍ୟ ସମସ୍ତ କାମ କରିପାରିବା ସମ୍ଭବ ହେଉନାହିଁ । ଏତେ ବଡ ଅଫିସ ଲାଗି ଯଦି କିରାଣି ଗୁଡିକର ପଦବୀ ଖାଲି ରହିବ ଶିକ୍ଷକ ମାନେ ପାଠପଢା ଛାଡି ଆସି ଅଫିସ କାମ କରିବେ ତେବେ ଦୁଇ ଆଡର କାମ ଅଧାପନ୍ତରିଆ ହେବା ସ୍ୱାଭାବିକ । ଯେଉଁଥିଲାଗି କିଛି ଶିକ୍ଷକ ମାନଙ୍କର ୩୦ ବର୍ଷିଆ ଓ ୧୦ ବର୍ଷିଆ ସୁବିଧା ଫାଇଲ ୬ ମାସ ହେଲା ପଡି ରହିଛି । ତା ଛଡା ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ କାମ ଗୁଡିକ ହୋଇପାରୁନଥିବାର ଅଭିଯୋଗ ହୋଇ ଆସୁଛି । ନୂତନ ବିଇଓ ତଥା ଏଡିଇଓ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି ।

# ଶ୍ରୀକ୍ଷେତ୍ରରେ କାଳୀମନ୍ଦିର ଉତ୍ସବମୁଖର

ପୁରୀ ,୨୧/୧୦ (ନି.ପ୍ର): ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ କାଳୀମନ୍ଦିର ଏବେ ଉତ୍ସବ ମୁଖର ହୋଇଉଠିଛି । ଚଳିତମାସ ୨୫ ତାରିଖରେ ପବିତ୍ର ଦୀପାବଳୀ ଅମାବାସ୍ୟା ଓ କାଳୀପୂଜା ଅନୁଷ୍ଠିତ ହେବ । ସେଦିନ ସୂର୍ଯ୍ୟପରାଗ ପଡୁଥିବାରୁ ଦେବନୀତି ୨୪ ତାରିଖରୁ ଆରମ୍ଭ ହେବ । ଭକ୍ତ ଓ ଶ୍ରଦ୍ଧାଳୁମାନେ ୨୫ ତାରିଖରେ ବିଭିନ୍ନ ପୀଠରେ ମା କାଳୀଙ୍କୁ ବାହାରୁ ଥାଇ ଦର୍ଶନ କରିପାରିବେ କିନ୍ତୁ ସ୍ପର୍ଶ ଓ ଭୋଗ କରିପାରିବେ ନାହିଁ । ଶ୍ରୀକ୍ଷେତ୍ରରେ ଥିବା ମା କାଳିକାଦେବୀ ସାହି ସ୍ଥିତ ମା ଦକ୍ଷିଣକାଳୀ ମନ୍ଦିର, ଖୁଂଟିଆ ସାହି ସ୍ଥିତ ମା ଗଛକାଳୀ ପୀଠ,ବାଲିସାହି ସ୍ଥିତ ମା ବାଟକାଳୀ,ଶ୍ୟାମାକାଳୀ ଲେନ ସ୍ଥିତ ମା ଶ୍ୟାମାକାଳୀ ମନ୍ଦିର ଏବେ ଚଳଚଞ୍ଚଳ ହୋଇଉଠିଛି । ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଚନ୍ଦନପୁର ସ୍ଥିତ ବୀରନରସିଂହପୁର ମା ଦକ୍ଷିଣକାଳୀ ମନ୍ଦିରର ଏବେ ମା ଦକ୍ଷିଣକାଳୀଙ୍କ ମୃର୍ଣ୍ମୟୀ ମୂର୍ତ୍ତି ପ୍ରସ୍ତୁତି କାର୍ଯ୍ୟରେ ନିମଗ୍ନ ଅଛନ୍ତି କାରିଗର । ମାଙ୍କ ବିଧିବିଧାନ ଓ ପୂଜା ସମ୍ପର୍କରେ ମାଙ୍କ ମୁଖ୍ୟ ପୂଜକ ଗିରିଶଚନ୍ଦ୍ର ବାନାର୍ଜୀ (ତାରୁଭାଇନା) କୁହନ୍ତି ମାଙ୍କ ପୂଜାବିଧି ସ୍ୱତନ୍ତ୍ର । ଭକ୍ତି ଭାବରେ ମା ବନ୍ଧା । ବିଶ୍ୱାସ ଓ ଧର୍ଯ୍ୟ ରଖି ମାଙ୍କ ପୂଜାକଲେ ମା ସନ୍ତୁଷ୍ଟ ହୁଅନ୍ତି । କାଳୀପୂଜା ପାଇଁ ଆ...ଖା... ଯା.... ନୀତିରେ ପାଳିତ ହୁଏ । ମାଙ୍କ ଆବାହନ,ଭୋଗ ଓ ବିର୍ସଜନ ହୋଇ ମାଙ୍କ ମୃଣ୍ମୟୀ ମୂର୍ତ୍ତି ଭାର୍ଗବୀ ନଦୀରେ ବିସର୍ଜିତ ହୁଅନ୍ତି । ଭଗବାନପୁର ମଶାଣିରୁ ମୂର୍ତ୍ତି ପାଇଁ ମାଟି ଅନୁକୂଳ ହୋଇଥିଲା । ଏବେ ମୂର୍ତ୍ତି କାମ ଶେଷ ପର୍ଯ୍ୟାୟରେ । ୨୪ ତାରିଖ ରାତିରେ ମାଙ୍କ ପୂଜାର୍ଚ୍ଚନା ଓ ଜୀବଦାନ ପରେ ୨୫ରେ ସୂର୍ଯ୍ୟପରାଭ ଯୋଗୁ ଦେବନୀତି ନିଷେଧ ରହିଥିବା

# ନଟରାଜ କଳା ପରିଷଦର ୱିଙ୍ଗସ୍ -୬ ଲୋଗୋ ଅନାବରଣ ଓ ଭାବ ପ୍ରକାଶ ଫଟୋଚିତ୍ର ପ୍ରଦର୍ଶନ ସମାରୋହ

ବଲାଙ୍ଗିର ,୨୧/୧୦ (ନି.ପ୍ର): ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ନଟରାଜ କଳା ପରିଷଦର ୱିଙ୍ଗସ୍ -୬ ର ଲୋଗୋ ଅନାବରଣ ଓ ଭାବ ପ୍ରକାଶ ଫଟୋଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ କୋସଲ କଳା ମଣ୍ଡଳ ପଡିଆରେ ପୁରୁଣା ମଂଚ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉ କି ଏ ବର୍ଷ ଆଗାମୀ ନଭେମ୍ବର ୧୮,୧୯ ଓ ୨୦ ତାରିଖରେ ନଟରାଜ କଳା ପରିଷଦ ରଜତ ଜୟନ୍ତି ଉତ୍ସବ ପାଳନ କରିବାକୁ ଯାଉଛି । ଏହି ଉପଲକ୍ଷେ କୋସଲ କଳାମଣ୍ଡଳ ଠାରେ ତିନି ଦିନକୁ ବିଭିନ୍ନ ଶୈଳିର ୬ଟି ନାଟକ ପ୍ରଦର୍ଶିତ ହେବ । ଏହାକୁ ୱିଙ୍ଗସ୍-୬ ନାମରେ ଅଭିହିତ କରାଯାଇଛି । ଗତ ୯ ତାରିଖର ବୈଠକରେ ଅଣଆନୁଷ୍ଠାନିକ ଭାବରେ ୱିଙ୍ଗସ୍-୬ ର ଲୋଗୋ ସଭ୍ୟମାନଙ୍କୁ ପ୍ରଦର୍ଶନ କରାଯାଇଥିଲା । ମାତ୍ର ସଭାପତି ହରିନାରାୟଣ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ଲୋକ ଲୋଚନରେ ପ୍ରସାରିତ ହେବା ପୂର୍ବରୁ ଲୋଗୋ କୁ ଆଜିର ଏ ସ୍ୱତନ୍ତ୍ର ସମାରୋହ ଆୟୋଜନ କରି ଅନାବରଣ କରାଯାଇଥିଲା । ନଟରାଜ କଳା ପରିଷଦର ଉପଦେଷ୍ଟା, ଶୁଭେଚ୍ଛୁ ଓ ସମସ୍ତ ସଦସ୍ୟ ଓ କଳାକାର ଏଥିରେ ଯୋଗ ଦେଇଥିଲେ । ଆଗରୁ ବିଭିନ୍ନ ମନ୍ଦିରରୁ ଫୁଲ,ଚନ୍ଦନ ଓ ସିନ୍ଦୁର ସଂଗ୍ରହ କରାଯାଇଥିଲା । ଅନୁଷ୍ଠାନର ଆବାହକ ରାମ ପ୍ରସାଦ ଦାଶ ବିଧିବଦ୍ଧ ଭାବରେ ପୂଜା କାର୍ଯ୍ୟ କରୁଥିବା ବେଳେ ନଟରାଜ କଳା ପରିଷଦର ମୁଖପତ୍ର 'ତାଣ୍ଡବ' ର ସଂପାଦକ ଶମ୍ଭୁ ପ୍ରସାଦ ଦାଶ ଓ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଆଚାର୍ଯ୍ୟ ମଶାଲ ରେ ଅଗ୍ନି ସଂଯୋଗ କରିଥିଲେ ଓ ମଧୁସୁଦନ ନାୟକ ହନୁମାନ ଚାଲିଶା ପାଠ କରିଥିଲେ । ଗତ ୧୬.୧୦.୨୦୨୨ ତାରିଖରେ କଳାକାରମାନଙ୍କର ଭାବ ପ୍ରକାଶ ଶୈଳୀର ବିଭିନ୍ନ ଫଟୋଚିତ୍ର ୱିଙ୍ଗସ୍-୬ ର କ୍ରିଏଟିଭ୍ ଡାଇରେକ୍ଟର ମୁମ୍ବାଇ ଫେରନ୍ତା ସଂଗ୍ରାମ ନାଏକଙ୍କ ତତ୍ୱାବଧାନରେ ତଥା ଅଧ୍ୟାପକ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶନାରେ ଉତୋଳନ କରାଯାଇଥିଲା । ଫଟୋଚିତ୍ର ଗୁଡିକୁ କଳାକାରମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ।

# ଡ଼. ମନୋରଞ୍ଜନ ଓ ବର୍ଷାରାଣୀ ପାଇଲେ ରାଜ୍ୟ ପୁରସ୍କାର

ଜୟପୁର ,୨୧/୧୦ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନଙ୍କୁ ଜାତୀୟ ସେବା ଯୋଜନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ପୁରସ୍କାର ବିତରଣ ଉତ୍ସବରେ ଡ଼. ମନୋରଞ୍ଜନ ପ୍ରଧାନଙ୍କୁ ବର୍ଷ ୨୦୨୧-୨୨ ପାଇଁ ରାଜ୍ୟର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ସମ୍ମାନିତ କରାଯାଇଥିବା ବେଳେ ସେହି କଲେଜର ସ୍ୱେଚ୍ଛାସେବୀ ବର୍ଷାରାଣୀ ସାହୁଙ୍କୁ ବର୍ଷ ୨୦୨୦-୨୧ ପାଇଁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ କରାଯାଇଛି । ପୁରସ୍କାର ବିତରଣ ସମାରୋହରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ରୋହିତ ପୂଜାରୀ, ମୋ କଲେଜ ଅଭିଯାନର ଅଧକ୍ଷ ତଥା ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ଜାତୀୟ ସେବା ଯୋଜନା ଓଡିଶାଙ୍କ ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଡ. ମନୋରଞ୍ଜନ ପ୍ରଧାନ ଓ ବର୍ଷାରାଣୀ ସାହୁଙ୍କୁ ମାନପତ୍ର, ମେଡାଲ ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ସୂଚନାଯୋଗ୍ୟ, ଡ଼. ମନୋରଞ୍ଜନ ପ୍ରଧାନ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଗତବର୍ଷ ପୁରସ୍କୃତ ହୋଇଥିଲେ ଓ ଏ ବର୍ଷ ମଧ୍ୟ ବିଶ୍ୱବିଦ୍ୟାଳୟ ତରଫରୁ ଜିଲ୍ଲାର ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସରେ ସମ୍ମାନିତ ହୋଇଥିଲେ । ସେହିପରି ବର୍ଷାରାଣୀ ସାହୁ ଦିଲ୍ଲୀ ରାଜପଥରେ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଯୋଗଦେଇ ଜିଲ୍ଲାବାସୀଙ୍କୁ ଗୌରବ ଆଣିଥିଲେ । ଉଭୟଙ୍କ ସଫଳତା ପାଇଁ କଲେଜରେ ଅଧକ୍ଷା ଡ. ମନୋରମା ଦେବୀ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ମାନେ ଅଭିନନ୍ଦନ ଜଣାଇଥିଲେ ।

# ଦାରିଙ୍ଗବାଡି ମେଡିକାଲ ପରିସରରେ ମା' ଗୃହନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

କନ୍ଧମାଳ ,୨୧/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୨୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧୀନ ମା ଘର କାମ ରେ ଅନିୟମିତତା ଓ ଦୁର୍ନିତୀ ଅଭିଯୋଗ ହେଉଛି । ବାଲିଗୁଡା ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଥିବା ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉ ନ ଥିବା ଅଭିଯୋଗ ହେଉଛି । ନିମ୍ନମାନର ସିମେଂଟରେ ବାଲି ପରିମାଣ ଅଧିକା ମିଶାଇ ବ୍ୟବହାର କରାଯାଉଥିବା । ବେଳେ ଟାଇଲ ଓ ଅନ୍ୟାନ୍ୟ ଫିଟିଙ୍ଗ ସ ମଧ୍ୟ ନିମ୍ନମାନର ବ୍ୟବହାର କରାଯାଉଥିବା ଦେଖାଯାଉଛି । ଟେଣ୍ଡର ପାଇଥିବାଠିକାଦାର ନିଜେ ନ କରି ଅନ୍ୟକୁ କାମ କରିବାପାଇଁ ଦାୟିତ୍ୱ ଦେବା ଫଳରେ କାମର ମାନ କମିଯାଉଥିବା ଲକ୍ଷ୍ୟ କରାଯାଉଛି । ଏପରିକି କାମ ନ ସରୁଣୁ କେତେକ ସ୍ଥାନରେ ଫାଟ ଦେଖା ଦେଲାଣିକୁ ଆଡେ । ସେହିପରି ପ୍ରକଳ୍ପ ସଂପର୍କିତ ସମସ୍ତ ତଥ୍ୟ ରହି ସମସ୍ତଙ୍କ ଅବଗତ ନିମନ୍ତେ ଡିସପ୍ଲେ ବୋର୍ଡ ମାରିବା ନିୟମ ଥିଲେ ମଧ୍ୟ କାର୍ଯ୍ୟ ଶେଷ ପର୍ଯ୍ୟୟରେ ପହଂଚିଥିଲେ ମଧ୍ୟ ସୂଚନା ବୋର୍ଡ ଲଗାଯାଇନାହିଁ । ଏପଟେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରୀକା ଯୋଗୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଏନେଇ ଅଭିଯୋଗ କଲେ ବି ଶୁଣିବାକୁ କେହି ନାହିଁ । ସେହିପରି ଠିକାଦାର କହୁଛନ୍ତି ନିର୍ଦ୍ଧାରୀତ ମୂଲ୍ୟ ଠାରୁ ୧୦ପ୍ରତିଶତ କମରେ ଠିକା ନେଇଛି ଆଉ ସମସ୍ତଙ୍କୁ କମିଶନ ଦେବାକୁ ପଡିବ ଏପରି ସ୍ଥଳେ କାର୍ଯ୍ୟ କିପରି ହେବ ବୋଲି ଠିକାଦାରଙ୍କ କାମ ବୁଝୁଥିବା ଅନ୍ୟ ଏକ ଠିକାଦାର ପ୍ରଶ କରିଛନ୍ତି । ତେବେ ଦାୟିତ୍ୱରେ ଥିବା ଯନ୍ତ୍ରୀ କାମ ଠିକ ଚାଲିଛି ବୋଲି କହିବା ସହ ଦୁର୍ନିତି ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି କହୁଛନ୍ତି । ବାଲିଗୁଡ଼ା ପୁର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏହି ପ୍ରତି ଦୃଷ୍ଟିଦେବା ସହ ଯେପରିକାର୍ଯ୍ୟର ଉନ୍ନତମାନର ହେବ ଧ୍ୟାନ ଦେବା ଜରୁରୀ ।

## ସଡ଼କ ଦୁର୍ଘଟଣାରେ ମାଛ ବେପାରୀଙ୍କ ମୃତ୍ୟୁ

ରାଉରକେଲା ,୨୧/୧୦ (ନି.ପ୍ର): ରାଉରକେଲା ହନୁମାନ ବାଟିକା ଛକ ନିକଟରେ ଆଜି ସକାଳେ ମୋଟସାଇକେଲରେ ଆସୁଥିବା ଜଣେ ମାଛ ବେପାରୀଙ୍କ ଉପରେ ଟ୍ରକ୍ ମାଡିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ମୃତକଙ୍କ ନାମ କବିତ୍ର ବିଶ୍ୱାଳ ଏବଂ ରାଉରକେଲା ଇସ୍ପାତ ମାର୍କେଟରେ ତାଙ୍କର ମାଛ ଦୋକାନ ଥିବା ଜଣାପଡିଛି ।

୪୨ ବର୍ଷିୟ କବିତ୍ର ସକାଳ ପ୍ରାୟ ୧୦ଟା ସମୟରେ ତାଙ୍କ ବାଇକରେ ହନୁମାନ ବାଟିକ ଛକ ଆଡକୁ ଆସୁଥିବା ବେଳେ ରାସ୍ତାରେ ପଡିଥିବା ବାଲିରେ ତାଙ୍କ ବାଇକ ଖସିଗଲା, ଏହି ସମୟରେ ପଛରୁ ଆସୁଥିବା ଟ୍ରକ ସେହି ବେପାରୀଙ୍କ ଉପରେ ମାଡି ଯାଇଥିଲା । ଫଳରେ ବେପାରୀ ଜଣଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣାରେ ଟ୍ରକ ଚାଳକ ଗାଡି ନେଇ ସେଠାରୁ ଫେରର ହୋଇଯାଇଛି । ଦୁର୍ଘଟଣାଗ୍ରସ୍ତ ବାଇକ କୁ ଜବତ କରିଛି ପୁଲିସ । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏନେଇ ଅଧିକ ତଦନ୍ତ ଚଳାଇଛି ପୁଲିସ ।

# ଯୋଗିନୀ ପିଠ ପାଇଁ ୧୦୦ କୋଟି ଦାବି କଲେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା

ବଲାଙ୍ଗିର ,୨୧/୧୦ (ନି.ପ୍ର): କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଯୋଗିନୀ ପୀଠ ପାଇଁ ୧୦୦ କୋଟି ଦାବୀ କରାଯାଇ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପଶ୍ଚିମ ଓଡିଶା ତଥା ବଲାଙ୍ଗିର ଜିଲ୍ଲାର ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି । ଏହାର ପ୍ରାକୃତିକ ପରିବେଶ ପୀଠର ମାହାତ୍ମ ସମସ୍ତଙ୍କୁ ଆକର୍ଷିତ କରେ । କିନ୍ତୁ, ଏହି ପୀଠର ଯେଉଁଭଳି ବିକାଶ କରାଯିବା କଥା ତାହା କରାଯାଇନାହିଁ । ୨୦୧୯ ମସିହା ଜାନୁଆରୀ ୧୫ ତାରିଖରେ ବଲାଙ୍ଗିର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗିନୀ ପୀଠର ବିକାଶ ପାଇଁ ୪.୫ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ଘୋଷଣା କରିଥିଲେ । ଏହି ଅନୁଦାନ କୁଆଡେ ଗଲା ତାର ହିସାବ ନାହିଁ । ରାଜ୍ୟ ସରକାର ଉପକୂଳ ଓଡିଶାରେ ପର୍ଯ୍ୟଟନ କ୍ଷେତ୍ର ଓ ଦେବା ଦେବୀ ମନ୍ଦିରର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରୁଛନ୍ତି । ହେଲେ ପଶ୍ଚିମ ଓଡିଶାର ଦେବାଦେବୀ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଆଖିଦୃଶିଆ ବଜେଟ କରି ନାହାନ୍ତି । ସୂଚନାଯୋଗ୍ୟ ଯେ, କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗିନୀ ପୀଠର ବିକାଶ ପାଇଁ ସ୍ୱର ଉଠାଇଥିଲେ । କିନ୍ତୁ, ସରକାରୀ ସ୍ତରରେ ବିକାଶ ପାଇଁ ପଦକ୍ଷେପ ନିଆଯାଇନାହିଁ । ଏହା ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ଦର୍ଶାଉଥିବା ଅଭିଯୋଗ କରିଛି କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା (କେ.ଏମ.ଏମ.) । କେ.ଏମ.ଏମ. ର ଉପସଭାପତି ଗଣେଶ ସାହୁ, ଆବାହକ ସିପୁନ ଖମାରୀ, ସଭାପତି ବିକାଶ ସା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଦାବୀପତ୍ର ଦେଇଛନ୍ତି । ଯୋଗିନୀ ପୀଠର ବିକାଶ ପାଇଁ ୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା ପାଇଁ ଦାବୀ କରାଯାଇଛି ।

# ଆଭାଷୀ କାର୍ଯ୍ୟକ୍ରମରେ ଉଦ୍‌ଘାଟିତ ହେଲା ସଂସ୍କୃତି ଭବନ ଓ ମାତୃଶିଶୁ ସ୍ୱତନ୍ତ୍ର ଚିକିତ୍ସାଳୟ

କେନ୍ଦ୍ରାପଡ଼ା ,୨୧/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ସଂସ୍କୃତି ଭବନ ଓ ଶ୍ୟାମଗୁଡିଆ ଠାରେ ମାତୃଶିଶୁ ସ୍ୱତନ୍ତ୍ର ଚିକିତ୍ସାଳୟକୁ ଉଦ୍‌ଘାଟନ କରିଛନ୍ତି । ଗୁରୁବାର ଅପରାହ୍ଣରେ ଶ୍ୟାମଗୁଡିଆ ସ୍ଥିତ ଡାକ୍ତରଖାନା ପରିସରରେ ଓ ଉଦୟନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଉଭୟ ପ୍ରକଳ୍ପକୁ ବୋତାମ ଟିପି ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶକ୍ତି ଶିଳ୍ପ, ଲଘୁ ଅଣୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ ଦେବ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲା, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ମଂଚାସୀନ ଥିଲେ । ୧୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଚିକିତ୍ସାଳୟରେ ନବଜାତକ ଶିଶୁ, ପ୍ରସୂତି ମାତା ଓ ସଂକ୍ରାମକ ରୋଗ ଚିକିତ୍ସା ୟୁନିଟ ସହ ୩୪ଟି ଆଇସିୟୁ ବେଡ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇ ଥିଲା । ସେହିଭଳି ଉଦୟନଗର ଠାରେ ନବୀକରଣ କରାଯାଇ ଥିବା ସଂସ୍କୃତି ଭବନ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ମନ୍ତ୍ରୀ ଓ ବିଧାୟକମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ରାଜ୍ୟ ବିଜେଡି ମହିଳା ସାଧାରଣ ସଂପାଦିକା ଡ଼ଃ ଜ୍ୟୋସ୍ନାରାଣୀ ଜେନା, ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡା, ଉପ ସଭାପତି ଦେବଦାସ ମହାନ୍ତି, ପୌରପାଳିକା ସରିତା ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଧର୍ମଶାଳାରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର

ଧର୍ମଶାଳା ,୨୧/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ନିର୍ଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ମନରେଗା) ସମ୍ପର୍କୀତ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଯାଜପୁରର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ବଳ, ବ୍ଲକ ଉପାଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ଭାଗ୍ୟଧର ସେଠୀ ଓ ସୁଧାଂଶୁ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ ମନେରେଗା ଯୋଜନା ସହ ଜାତୀୟ ସାମାଜିକ ସହାୟତା, ପଂଚଦଶ ଅର୍ଥ କମିଶନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବଡ-କାଏମା, ଦେଓଦା, ଉତରପ୍ରତାପ, ସମ୍ପାରୁ ଓ କୋଟପୁର ଆଦି ୫ ଗୋଟି ପଂଚାୟତ ମନେରେଗା ଯୋଜନାରେ ଅଧିକ ଉପକୃତ ହୋଇଥିବାରୁ ଏହି ପଂଚାୟତକୁ ଶ୍ରେଷ୍ଠ ପଂଚାୟତ ଭାବେ ପୁରସ୍କୃତ କରାଯାଇଥିଲା ।

ଏହି ଶିବିରରେ ବ୍ଲକର ବିଭିନ୍ନ ପଂଚାୟତର ଜନ ପ୍ରତିନିଧି ଓ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ୪୭୮ ଜଣ ଚାଷୀ ଫସଲ କ୍ଷତିର କ୍ଷତି ପୂରଣ ପାଇ ନାହାଁନ୍ତି

ମୁଖୀଗୁଡ଼ା ,୨୧/୧୦ (ନି.ପ୍ର): ଜୟପାଟଣା ବ୍ଲକର ୪୭୮ଜଣ ଚାଷୀ ଫସଲ କ୍ଷତିର କ୍ଷତିପୁରଣ ପାଇ ନାହାଁନ୍ତି । ଜୟପାଟଣା ତହସିଲ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮ରେ ଜୟପାଟଣା ବ୍ଲକର ୧୭୬୧ଜଣ ଚାଷୀଙ୍କ ଖରିଫ ଧାନ ଫସଲ ପୋକ ଆକ୍ରମଣ ଯୋଗୁଁ ନଷ୍ଟ ହୋଇଥିଲା । ସେଥିମଧ୍ୟରୁ ୧୨୮୩ ଜଣ ଷ୍ଟେଟବ୍ୟାଙ୍କ ଆକାଉଂଟ ଥିବା ଚାଷୀ କ୍ଷତିପୂରଣ ପୂରଣ ପାଇଥିବାବେଳେ ୨୧ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଂଟ ବନ୍ଦ ହୋଇଯାଇଥିବାରୁ ଏବଂ ୮୬ଜଣ ଚାଷୀଙ୍କର ବ୍ୟାଙ୍କ ଆକାଉଂଟ ଭୁଲ ଥିବାରୁ କ୍ଷତିପୂରଣ ପାଇପାରି ନାହାନ୍ତି । ୩୭୧ଜଣ ଚାଷୀ ଙ୍କ ଅନ୍ୟ ବ୍ୟାଙ୍କ ରେ ଆକାଉଂଟ ଥିବାରୁ କ୍ଷତି ପୂରଣ ପାଇପାରି ନଥିବା ଜଣାଯାଇଛି । ୨୯୫ ଚାଷୀଙ୍କ ବିସିସିବି ଆକାଉଂଟ, ୫୪ଜଣ ଚାଷୀ ଙ୍କ ଆଇଓବି ଆକାଉଂଟ, ୨୦ଜଣ ଚାଷୀଙ୍କ ୟୁସିବି ଆକାଉଂଟ ଏବଂ ୨ଜଣଙ୍କର ବିଓଆଇ ଆକାଉଣ୍ଟ ଥିବାଚାଷୀ କ୍ଷତିପୂରଣ ପାଇପାରି ନଥିବା ଜଣାଯାଇଛି । ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟ ବ୍ୟତୀତ ଅନ୍ୟ ବ୍ୟାଙ୍କ ରେ ଆକାଉଂଟ ଥିବା ଚାଷୀ ଚାଷୀ ଙ୍କ କ୍ଷତିପୂରଣ ପାଇବା ପାଇଁ ଅଭିଯୋଗ ସତ୍ୱେ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ବିଜେଡି ପକ୍ଷରୁ ମେଗା ରକ୍ତଦାନ ଶିବିର

ଭବାନୀପାଟଣା ,୨୧/୧୦ (ନି.ପ୍ର): ଆଜି କଳାହାଣ୍ଡି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ମୋ ପରିବାର ଓ ବିଜେଡ଼ି ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଆନୁକୂଲ୍ୟରେ ହୋଇଥିବା ଏହି ରକ୍ତଦାନ ଶିବିରରେ ଜିଲ୍ଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିସିସିବି ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂହ ଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଉପ ସଭାପତି ଜିତେନ୍ଦ୍ର ମହାନ୍ତି, ମ୍ୟୁନିସିପାଲଟି ଅଧକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ପରିଷଦ ସଦସ୍ୟ ଭବାନୀ ଶଙ୍କର ନିଆଲ, ପ୍ରଦୀପ ମୁଣ୍ଡ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼, ଜାକୀର ହୁସେନ, ସାରଦା ପ୍ରସନ୍ନ ସ୍ୱାଇଁ, ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ବରିଷ୍ଠ ଯୁବ ଉପ ସଭାପତି ମଂଟୁ ନାଏକ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବଲାଙ୍ଗୀର ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଜିଲ୍ଲା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ଛାତ୍ର ଉପସଭାପତି ଅଭିଷେକ ମହାପାତ୍ର, ମୋ ପରିବାର ସଂଯୋଜକ ପ୍ରଦୀପ ଦାସ, ରାଜ୍ୟ ସହ ସମ୍ପାଦକ ରବି ପଟ୍ଟନାୟକ,ଜିଲ୍ଲା ଯୁବ ସମ୍ପାଦକ ସେନାପତି ନାଏକ, ଅମିତ ଯାଦବ, ବଦ୍ରିନାରାୟଣ ପଟ୍ଟନାୟକ, ରବିଚନ୍ଦ୍ର ନାଏକ, ମୋହନ ଗହୀର, ମୁନା ବେହେରା, ମହମ୍ମଦ କାଦିର , ସାମନ୍ତ ଖମାରୀ, ସୁଶୀଲ ସାହୁ, ନିହାର ମିଶ୍ର, ମହମ୍ମଦ ଇସମାଇଲ, ଅନିଲ ନିଆଲ, ସମୀତା ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲାସ୍ତରୀୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ

କେନ୍ଦୁଝର ,୨୧/୧୦ (ନି.ପ୍ର): ରାଜ୍ୟ ଯୋଦନା ଓ ସଂଯୋଜନ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା କ୍ଷେତ୍ର ଅଧିକାରୀ ମାନଙ୍କୁ ନେଇ ଆରମ୍ଭ ହୋଇଥିବା ଜିଲ୍ଲା ସ୍ତରୀୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କୀତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ କେନ୍ଦୁଝର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଯୋଗ ଦେଇ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି କର୍ମଶାଳା ବେଶ ଉପେଯାଗୀ ହେବା ସହ ସମସ୍ତଙ୍କୁ ଏ ଦିଗରେ ସମନ୍ୱୟ ରକ୍ଷା କରି କାମ କରିବାକୁ ପାରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ଜିଲ୍ଲାର ୨୨ ଟି ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ , ସରପଟଂ , ଓ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇ ପୂର୍ବହ୍ନରେ ଗୋଟିଏ ଗୋଷ୍ଠୀ ବଂଶପାଳ ବ୍ଲ ଅନ୍ତର୍ଗତ ଶୁଆକାଟୀ ପଂଚାୟତ ଓ ଅନ୍ୟ ଗୋଷ୍ଠୀଟି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଡାପାଳ ଗ୍ରାମ ପଂଚାୟତକୁ କ୍ଷେତ୍ର ପରିଦର୍ଶନ କରି, ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ । ଏବଂ ଅପରାହ୍ନରେ ପ୍ରତ୍ୟେକ ଗୋଷ୍ଠୀକୁ ମିଳିତ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ପ୍ରମୁଖ ୧୭ ଟି ଲକ୍ଷ୍ୟରୁ ତିନିଗୋଟି ଲକ୍ଷ୍ୟ ଯଥା ପୋଷଣ , ଦାରିଦ୍ରତା ଓ ଶିକ୍ଷା ଆଦି ବିଷୟରେ ନିଜର ଅନୁଭୁତି ବର୍ଣ୍ଣନା କରିବା ସହ ଏହାର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ କର୍ମଶାଳାରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୋଜନା ଓ ସଂଯୋଜନ ବିଭାଗର ସାମର୍ଥବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶ ପରିଚାଳନା କରିବା ସହ ଏହି ଦୁଇଟି ପଂଚାୟତକୁ ମଡେଲ ପଂଚାୟତ ଭାବେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ କାର୍ଯ୍ୟକାରୀ କରିବା ଦିଗରେ ସମସ୍ତ ବିବାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବାକୁ କହିଥିଲେ । ଏହି କର୍ମଶାଳାରେ ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରକୋଷ୍ଠର ସାମାଜିକ କ୍ଷେତ୍ର ବିଶେଷଜ୍ଞ ଡ. ରମେଶ ଚେଲାନ , ସମ୍ବଳ ବ୍ୟକ୍ତି ଭାନୁ ପ୍ରସାଦ ପାଣିଗ୍ରାହୀ , ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଶେଷରେ ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ପ୍ରକୋଷ୍ଠ ର ସହକାରୀ ନିର୍ଦ୍ଦେଶିକା ଅଳକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ଶୁଆକାଟୀ ସରପଂଚ ଶ୍ରୀମତୀ କୌତୁକ ନାଏକ , ଓ କରଡାପାଳ ସରପଂଚ ଗଣେଷ ଚନ୍ଦ୍ର ମୁଣ୍ଡା ଯୋଗ ଦେଇଥିଲେ ।

# ହାତ କଳା ପଡ଼ିବ ନାହିଁ

ଗ୍ଲୋଭ୍‌ସ ନପିନ୍ଧି ଯିବା ଆସିବା କଲେ ହାତ କଳାପଡ଼ିଯାଉଛି । ବିଶେଷକରି ସାଇକଲ କିମ୍ବା ଗାଡ଼ି ଚଳାଉଥିଲେ ହାତ କଳା ପଡ଼ିବା ସ୍ୱାଭାବିକ । ଯୁବତୀମାନଙ୍କର ଏହା ଏକ ବଡ଼ ସମସ୍ୟା ।






♦ ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ ଅଳ୍ପ ଲେମ୍ବୁରସ ଏବଂ କେଇ ଟୋପା ଗ୍ଲିସେରିନ୍ ମିଶାଇ ହାତରେ ଘଷନ୍ତୁ ।

♦ ୨ ଚାମଚ ବାଦାମ ରୋଗନ୍, ଗୋଟିଏ ଅଣ୍ଡାର କେଶର, ଚା'ଚାମଚରେ ୧ ଚାମଚ ମହୁ ନେଇ ଭଲଭାବେ ମିଶାନ୍ତୁ । ଏହାକୁ ହାତରେ ଭଲଭାବେ ଘଷି ସୁତା କପଡ଼ାର ଗ୍ଲୋଭ୍‌ସ ପିନ୍ଧିଦେବେ । ଅଧଘଣ୍ଟା ପରେ ଗ୍ଲୋଭ୍‌ସ ବାହାର କରି ପାଣିରେ କିଛି ଭିନେଗାର ମିଶାଇ ହାତ ଧୋଇନିଅନ୍ତୁ । ବଳକା ମିଶ୍ରଣ ବୋତଲରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଦେବେ । ଏହା ଦୁଇସପ୍ତାହ ଯାଏ ଖରାପ ହୁଏନି । ଦିନକୁ ଦୁଇଥର ଏହି ମିଶ୍ରଣ ବ୍ୟବହାର କରିପାରିବେ ।

♦ ଛୋଟ ଚାମଚରେ ୧ ଚାମଚ କ୍ଷୀର ନେଇ ସେଥିରେ କିଛି ବାଦାମ ବଟା, ଟୋପାଏ ଲେମ୍ବୁରସ, ଦୁଇଟୋପା ଗ୍ଲିସେରିନ୍ ଏବଂ ଦୁଇଟୋପା ଗୋଲାପ ଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ହାତରେ ଲଗାନ୍ତୁ । ସକାଳେ ବେସନ ଏବଂ ପାଣିରେ ଏହାକୁ ଧୋଇଦେବେ ।





♦ ଦେଢ଼ ଲିଟର ପାଣିରେ ଫାଳେ ଲେମ୍ବୁର ରସ ମିଶାଇ ଏଥିରେ ୫ ମିନିଟ୍ ହାତ ବୁଡ଼ାଇ ରଖନ୍ତୁ । ଏହାପରେ ପୋଛିଦେବେ ।

♦ ଅଧା ଚାମଚ ସୈନ୍ଧବ ଲବଣ, ୫-୬ ଟୋପା ଲେମ୍ବୁ ରସ, ଅଧା ଚାମଚ ଅଲିଭ୍ ତେଲ ନେଇ ଭଲଭାବେ ମିଶାଇ ହାତରେ ଗୋଲ୍‌ଗୋଲ୍ କରି ମାଲିସ୍ କରନ୍ତୁ । ଏହା ମୃତ ତ୍ୱଚା ବାହାର କରି ହାତକୁ ଗୋରା କରିଦେବ ।

# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➤ ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➤ କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➤ ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।




➤ ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।








➤ ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➤ ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➤ ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ ଅନ୍ତର ଦେଖା ଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି ।

ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ ।




# ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ:**

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।

**ପ୍ରସ୍ତୁତି :**

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।



# ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ୍ୟ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ ଗ୍ରହଣ କରିବନାହିଁ ।





↔ ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେପଳେ ଅନ୍ୟ କଥା କହି ଭୁଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।
↔ ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।
↔ ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।
↔ ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।
↔ ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ବା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

# ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ ଚୁଟି ସଳଖ ହୋଇଥାଏ ।



ଯଦି ଆପଣଙ୍କ ଚୁଟି ଲମ୍ବା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ ।

ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା । ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

# ନେଲପଲିସ୍ ଲଗାଇବାର ସହଜ ଉପାୟ



ନେଲପଲିସ୍ ଲଗାଇବାରେ ଏତେ ସମୟ ଖର୍ଚ୍ଚ କରିବା ପରେ ମଧ ଓ ପାର୍ଲରରେ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଆମେ କରିଥିବା ମାନିକ୍ୟୋର ଖରାପ ହୋଇଯାଏ । ତେବେ କେତୋଟି ସହଜ ଉପାୟରେ ଆପଣ ଆପଣଙ୍କର ମାନିକ୍ୟୋରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିପାରିବେ । ଆପଣ ଯଦି କୌଣସି ପ୍ରଫେସନାଲ ଠାରୁ ନେଲ୍ ପଲିସ୍ ଲଗାଉଛନ୍ତି ତେବେ ସେ ପ୍ରଥମେ ଆପଣଙ୍କ ନଖ ସଫା କରୁଥିବେ । ନେଲ୍‌ପଲିସ୍ ଲଗାନଯାଇଥିଲେ ମଧ ନେଲ୍‌ପଲିସ ରିମୁଭର ନିଶ୍ଚୟ ଲଗାଉଥିବେ । ସେଥିପାଇଁ ନେଲପଲିସ୍ ଲଗାଇବା ପୂର୍ବରୁ ଭଲ କ୍ୱାଲିଟିର ନେଲ୍‌ପଲିସ ରିମୁଭର ଦ୍ୱାରା ନଖ ସଫା କରନ୍ତୁ । ନଖ ସଫା କରିବା ପୂର୍ବରୁ ନଖକୁ ବେସ୍ କୋଟ ସାହାଯ୍ୟରେ ପ୍ରସ୍ତୁତ କରନ୍ତୁ ।

ଜାଣିବାକୁ ଅଜବ ଲାଗୁଥିଲେ ମଧ ଏହା ସତ ଯେ ପତଳା କୋଟ୍‌ସ ଡେରିରେ ଉଠିଥାଏ । ସେଥିପାଇଁ ଦୁଇଟି ମୋଟା କୋଟ୍ ବଦଳରେ ତିନୋଟି ପତଳା କୋଟ୍‌ସ ଲଗାନ୍ତୁ । ସେଥିରେ ଦୁଇଟି କୋଟସ୍ କମ୍ ସମୟ ମଧରେ ଶୁଖିଯିବ ଓ ନେଲ୍ ପଲିସ୍ ଲଗାଇବା ସମୟରେ ବବଲ୍ସ ଉଠିବାର ଆଶଙ୍କା ମଧ ରହିବନି । ନେଲ୍ ପଲିସ୍ ଭଲ କ୍ୱାଲିଟିର ହେବା ଆବଶ୍ୟକ । ନେଲ୍ ପଲିସ୍ ଲଗାଇବା ପୂର୍ବରୁ ଟିପ୍‌କୁ ପଲିସ୍ କରିବାକୁ ଭୁଲନ୍ତୁ ନାହିଁ । ଏଥିରେ ମଧ ନେଲ୍ ପଲିସ୍ ଉଠିବାର ଭୟ ରହିବ ନାହିଁ । ଯଦି ଅପାଣ ଶିମରର ବ୍ୟବହାର କରୁଛନ୍ତି ତେବେ ଟିପ୍‌ସରେ କିଛି ସ୍ୱାରକଲ୍ସ ଛିଡକାଇ ଦିଅନ୍ତୁ । ଟପ୍ କୋଟ୍ ସବୁବେଳେ ମାନୀକ୍ୟୋରର ଲାଇଫ୍ ବଢାଇଥାଏ । ଆପଣ ବେସ୍ କୋଟ୍‌କୁ ଟପ୍‌କୋଟ୍ ପରି ବ୍ୟବହାର କରିପାରିବେ । ନଖର ସାଇଡରେ ଓ ତା'ର ଚାରିପାଖ ଓ ଟପ୍‌କୋଟ୍‌କୁ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ । ନଖକୁ ଶୁଖିବାକୁ ବହୁତ ସମୟ ଲାଗେ ଓ ନେଲପଲିସ୍ ଶୁଖିଯିବା ପରେ ନଖକୁ ଥଣ୍ଡା ପାଣିରେ ବୁଡାଇ ଦିଅନ୍ତୁ ଓ ଲୋଶନ୍ ଲଗାନ୍ତୁ । ଏଥିରେ ନେଲ୍ ପଲିସ୍ ଚିକ୍‌କଣ ହୋଇଯିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୃଷ୍ଟିଦେବା ବାଞ୍ଛନୀୟ...

ମଲ୍ଲିକାର୍ଜୁନ ଖଡ଼ଗେ ନୂତନ ସଭାପତି ଭାବେ ନିର୍ବାଚିତ ହେବା ପରେ କଂଗ୍ରେସ ଦଳର ଜଣେ ସ୍ଥାୟୀ ଅଧ୍ୟକ୍ଷ ନାହାଁନ୍ତି ବୋଲି ଯେଉଁ ସମାଲୋଚନାର ସ୍ୱର ମୁଣ୍ଡ ଟେକିଥିଲା ସେଥିରେ ଆପାତତଃ ପୂର୍ଣ୍ଣଚ୍ଛେଦ ପଡ଼ିଛି । ବରିଷ୍ଠ ତଥା ଅଭିଜ୍ଞ ଶ୍ରୀ ଖଡ଼ଗେ ତାଙ୍କର ପ୍ରତିଦ୍ୱନ୍ଦୀ ଶଶି ଥରୁରଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରି ଏହି ପଦକୁ ନିର୍ବାଚିତ ହେବା ସୂଚିତ କରେ ଯେ, ତାଙ୍କ ସପକ୍ଷରେ ଦଳର ଯଥେଷ୍ଟ ସମର୍ଥନ ରହିଛି । ଦୀର୍ଘ ୨୪ବର୍ଷ ପରେ କଂଗ୍ରେସ ଦଳର ନେତୃତ୍ୱ ଗାନ୍ଧୀ-ନେହରୁ ପରିବାର ବାହାରର ଜଣେ ନେତାଙ୍କ ନିକଟକୁ ଯାଇଛି । ଦେଶର ସର୍ବପ୍ରାଚୀନ ରାଜନୈତିକ ଦଳର ଅଧ୍ୟକ୍ଷ ପଦକୁ ନିର୍ବାଚିତ ହେବାରେ ସେ ହେଉଛନ୍ତି ଦ୍ୱିତୀୟ କନ୍ନଡିଗା ଏକବିଂଶ ଶତାବ୍ଦୀରେ ଯେତେବେଳେ ଭାରତ ବିଶ୍ୱର ଏକ ପ୍ରମୁଖ ମହାଶକ୍ତିରେ ପରିଣତ ହେବାକୁ ଅଗ୍ରସର ହେଉଛି, ଶ୍ରୀ ଖଡ଼ଗେ ଦଳ ଓ ଦଳୀୟ ନେତୃବର୍ଗଙ୍କୁ ଲୋକମାନଙ୍କ ବିଶ୍ୱାସଭାଜନ କରାଇ କ୍ଷମତାକୁ ଫେରିବାରେ କେତେଦୂର ସକ୍ଷମ ହେବେ, ଏବେ ସେହି ଅଗ୍ନିପରୀକ୍ଷାର ସେ ସମ୍ମୁଖୀନ ହେବେ । କଂଗ୍ରେସ ଦଳ ପାଇଁ ଏବେ ଅନେକ ଜଟିଳ ସମସ୍ୟା ରହିଛି । ତାହା ଦଳ ଭିତରୁ ଏବଂ ବାହାରୁ । ତେଣୁ ନୂତନ ଦାୟିତ୍ୱ ଗ୍ରହଣ କରିବାମାତ୍ରେ ହିଁ ତାଙ୍କ ମୁଣ୍ଡ ଉପରେ ଡେମୋକ୍ଲିସ୍‌ର ଖଡ଼ଗ ଝୁଲିବା ଆରମ୍ଭ କରିଛି । ଦେଶରେ ସାଧାରଣ ନିର୍ବାଚନ (୨୦୨୪) ପାଇଁ ଆଉ ମାତ୍ର ଦୁଇବର୍ଷରୁ କମ୍ ସମୟ ଅଛି ଏବଂ କଂଗ୍ରେସର ଟ୍ରାକ୍ ରେକର୍ଡ ସୂଚାଏ ଯେ, ଏହା ଲଗାତାର ଭାବେ ୨୦୧୪ ଏବଂ ୨୦୧୯ର ନିର୍ବାଚନରେ ପରାଜୟର ସ୍ୱାଦ ଚାଖୁଛି । କେବଳ ଲୋକସଭା ନିର୍ବାଚନ ନୁହେଁ, ବିଗତ ଆଠ ବର୍ଷ ମଧ୍ୟରେ ଅନେକ ରାଜ୍ୟରୁ ମଧ୍ୟ କଂଗ୍ରେସ କ୍ଷମତାଚ୍ୟୁତ ହୋଇଛି । ସେସବୁ ନିର୍ବାଚନରେ ପରିସଂଖ୍ୟାନକୁ ତର୍ଜମା କଲେ କଂଗ୍ରେସ ଦଳ ପ୍ରତି ମତଦାତାଙ୍କ ମନରେ ବୀତସ୍ପୃହ ମନୋଭାବ ସୃଷ୍ଟି ହୋଇଥିବା ସୁସ୍ପଷ୍ଟ । ଅନ୍ୟ ଅର୍ଥରେ କହିଲେ, ଦଳୀୟ ନେତାଙ୍କୁ ଆତ୍ମସମୀକ୍ଷା କରିବାକୁ ପଡ଼ିବ, ଏଭଳି ଘଟିବାର କାରଣ କ'ଣ ? ନେତୃତ୍ୱ ସଂକଟ ବ୍ୟାଧିରୁ କଂଗ୍ରେସକୁ ମୁକ୍ତ କରିବା ଦାୟିତ୍ୱ ଏବେ ନବନିର୍ବାଚିତ ନେତାଙ୍କର। ସେ ନିଜର ବ୍ୟକ୍ତିତ୍ୱର ପ୍ରଭାବ ଓ ନେତୃତ୍ୱର ପରାକାଷ୍ଠା ବଳରେ ଦଳରେ ସଂଜୀବନୀ ସଂଚାର କରିବାକୁ କେତେଦୂର ସକ୍ଷମ । ପୁଣି ନିଜେ ଗାନ୍ଧୀ-ନେହରୁ ପରିବାର ରିମୋଟ୍ କଣ୍ଟ୍ରୋଲକୁ କେତେଦୂର ମୁକ୍ତ ରହି କାର୍ଯ୍ୟ କରିବେ, ଯାହାକି ଦଳୀୟ ନେତା ଓ ଜନସାଧାରଣଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିବ, ତାହା ଶ୍ରୀ ଖଡ଼ଗେଙ୍କ ପାଇଁ ଏସିଡ୍ ପରୀକ୍ଷା ସଦୃଶ । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ପ୍ରତିପକ୍ଷଙ୍କ ସହ ନିର୍ବାଚନ ମୈଦାନକୁ ଓହ୍ଲାଇବା ପୂର୍ବରୁ ଦଳ ଭିତରେ ଗୋଷ୍ଠୀକନ୍ଦଳକୁ ରୋକିବା ନୂତନ ସଭାପତିଙ୍କ ନିମନ୍ତେ ସବୁଠାରୁ ବଡ଼ ଚାଲେଞ୍ଜ ହେବ । ରାଜସ୍ଥାନ ଘଟଣା ଏହାର ସଦ୍ୟତମ ଉଦାହରଣ। ଅପରପକ୍ଷେ, ଗତ ଆଠ ବର୍ଷ ମଧ୍ୟରେ ଦଳରୁ ଶହ ଶହ ବଡ଼ ଓ ଛୋଟ ନେତା ଇସ୍ତଫା ଦେଇଛନ୍ତି । ସେମାନଙ୍କ ଅଭିଯୋଗ ଓ ଆକ୍ଷେପକୁ ସ୍ୱୀକାର ନକଲେ ମଧ୍ୟ ଏହା ଉପରେ ବିଧିବଦ୍ଧ ଦୃଷ୍ଟିଦେବା ବାଞ୍ଛନୀୟ । ଅନ୍ୟଥା ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବିପକ୍ଷ ପ୍ରାର୍ଥୀଙ୍କ ସମକକ୍ଷ ପ୍ରାର୍ଥୀ ଅଭାବ ପଡ଼ିପାରନ୍ତି । ତାହା ପୂର୍ବରୁ ହିମାଚଳ ପ୍ରଦେଶ, ରାଜସ୍ଥାନ, ଗୁଜରାଟ ଭଳି ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟ କଂଗ୍ରେସ ପାଇଁ ଗୋଟିଏ ଗୋଟିଏ ସେମିଫାଇନାଲ ମ୍ୟାଚ ହେବ । ଅତୀତରେ କଂଗ୍ରେସ ନେତୃତ୍ୱ ଏକାଧିକ ଥର ଗାନ୍ଧୀ-ନେହରୁ ପରିବାର ବାହାରକୁ ଆସିଛି ଓ ସେଥିରୁ ସୁଫଳ ମିଳିଛି । ଅତୀତରେ କଂଗ୍ରେସ ଅନେକ ଥର କ୍ଷମତାରୁ ହଟି ସୁଦ୍ଧା ପୁଣି ଲେଉଟିଛି । ତେଣୁ ଦଳ ପାଇଁ ସଫଳତାର ସୁଯୋଗ ରହିଛି । କିନ୍ତୁ ଶ୍ରୀ ଖଡ଼ଗେଙ୍କ କାର୍ଯ୍ୟଶୈଳୀ ଏ ଦିଗରେ କେତେଦୂର ଫଳପ୍ରସୂ ହେବ ତାହା ଲକ୍ଷ୍ୟ କରିବା କଥା ଯଦି ଆଞ୍ଚଳିକ ଦଳମାନେ ନିଜର ରଣନୀତି ନିର୍ଦ୍ଧାରଣ କରି ଗୋଟିଏ ଗୋଟିଏ ରାଜ୍ୟକୁ ନିଜର ଅଜେୟ ଗଡ଼ରେ ପରିଣତ କରିପାରିଛନ୍ତି, କଂଗ୍ରେସ ପାଇଁ ବାସ୍ତବ ସମସ୍ୟା କେଉଁଠି ତାହା କେବଳ ଦଳୀୟ ନେତୃବର୍ଗଙ୍କୁ ହିଁ ଜଣା । ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ସହଭାଗୀ ଦଳମାନଙ୍କର ବିଶ୍ୱାସଭାଜନ ହୋଇ କାର୍ଯ୍ୟ କରିବା ଦିଗରେ ନୂତନ ଅଧ୍ୟକ୍ଷ ଶ୍ରୀ ଖଡ଼ଗେ ଏବେଠାରୁ ପ୍ରୟାସୀ ହେବା ଉଚିତ୍ । ତାଙ୍କ ବ୍ୟକ୍ତିତ୍ୱର ସେହି ଚମକ ଓ ଯାଦୁକରୀ ଶକ୍ତିକୁ ଏବେ ଦଳ ଅପେକ୍ଷାରତ । ତାହା କେବଳ ଦଳକୁ ପୁନର୍ଜାଗରିତ କରିବାରେ ସହାୟକ ହେବନାହିଁ, ଅପରନ୍ତୁ ତାଙ୍କ ନେତୃତ୍ୱର ପରାକାଷ୍ଠାକୁ ମଧ୍ୟ ସାବ୍ୟସ୍ତ କରିପାରିବ । ଥରୁରଙ୍କ ତୁଳନାରେ ତାଙ୍କ ଉପରେ ହାଇକମାଣ୍ଡଙ୍କ ଠାରୁ ନେଇ ଦଳୀୟ ନେତୃବର୍ଗ ଯେଉଁ ଆସ୍ଥା ସ୍ଥାପନ କରିଛନ୍ତି ତାହା ମଧ୍ୟ ସତ ବୋଲି ପ୍ରମାଣିତ ହୋଇପାରିବ ।

# ଅବକ୍ଷୟମୁଖୀ ସମାଜ ଓ ଆମର ଦୁଃସ୍ଥିତି କାହିଁକି ?



**ପ୍ରଦୋଷ କୁମାର ଦାସ**

କୋଟି ଜନ୍ମର ପୂଣ୍ୟ ଫଳ ନେଇ ଭାଗ୍ୟବାନ ପ୍ରାଣୀ ରୂପେ ମଣିଷ ଏ ଧରାରେ ଜନ୍ମ ଲାଭ କରିଥାଏ ବୋଲି ଭାଗ୍ୱତକାରମାନେ କହିଛନ୍ତି। ବୁଦ୍ଧି, ଜ୍ଞାନୀ, ବିବେକୀ, ସଂଯମୀ ହୋଇ ପାରିଲେ ମଣିଷ ଜନ୍ମ ସାର୍ଥକ ଲାଭ କରିଥାଏ। ସାମାଜିକ ଜୀବନ ରେ ଦେବ ତୁଲ୍ୟ ଆଚରଣ କରି ସମାଜର ସହକାର ଲଭିଲେ ଯାଇ

ମଣିଷ ଏକ ସାମାଜିକ ପ୍ରାଣୀ ବୋଲି ମାନ୍ୟତା ପାଇବାକୁ ହକଦାର ହୋଇଥାଏ। ନିର୍ବିକାର ଭାବେ ନିତ୍ୟ ନୈମିତ୍ତିକ ସାମାଜିକ କାର୍ଯ୍ୟ ଧାରାରେ ପ୍ରତ୍ୟେକ ମଣିଷକୁ ଉନ୍ନତି ପଥରେ ଆଗେଇ ଯିବା ଉଚିତ୍ । ଏହା ତା'ର ସାମାଜିକ ସସ୍ଥିତିକୁ ସୁଦୃଢ଼ କରାଇଥାଏ। ଏଣୁ ଜୀବନକାଳରେ ସଂଶ୍ଳିଷ୍ଟ ଆମେ ସଭିଏଁ ଆମ ସାମାଜିକ ବିଚାର ଧାରାରେ ଉତ୍ତମ ବୁଝାମଣା ରକ୍ଷାକରିବା ମଧ୍ୟ ଜରୁରୀ। ପାରସ୍ପରିକ ଯଥା ସମ୍ମାନ ଆଦାନପ୍ରଦାନ କରିବା ସହ ସମାଜର ପ୍ରତ୍ୟେକ ସ୍ତରରେ ଆତ୍ମୀକ ହୋଇ ପାରିଲେ ମଣିଷ ଜନ୍ମ ସାର୍ଥକ ଲାଭ କରିଥାଏ।

ଦୁଃଖ ଓ ପରିତାପର ବିଷୟ, ଆମ ସମାଜରେ ନୈତିକ ମୂଲ୍ୟଯୁକ୍ତ ଚେତନାର ଘୋର ଅଭାବ ରହିଛି। ଫଳରେ ସାମାଜିକ ଜୀବନ କ୍ରମେ ଅବକ୍ଷୟମୁଖୀ ହୋଇଚାଲିଛି।

ଯଦି ଆମେ ପ୍ରତ୍ୟେକ ବ୍ୟକ୍ତି ଆଦର୍ଶ ଆଚରଣ କରିବା ପୂର୍ବକ ସବୁ ସ୍ତରରେ ପ୍ରତ୍ୟାଶାହୀନ ଉତ୍ତମ ବୁଝାମଣା ବଜାୟ ରଖିପାରନ୍ତେ, ତେବେ ଆମ ଯାବତ୍ ଜୀବନ ମଧୁମୟ ହୋଇପାରନ୍ତା। ଏଥିପାଇଁ ଆମ ସମସ୍ତଙ୍କୁ ଯତପରୋନାସ୍ତି ସଂସ୍କାରମୁଖୀ ହେବାକୁ ହିଁ ପଡିବ। ସାମାଜିକ ସସ୍ହତି ଓ ସହାବସ୍ଥାନ ପ୍ରତିଷ୍ଠା ମାଧ୍ୟମରେ ଉତ୍ତମ ଚରତ୍ର ଗଠନ ହୋଇପାରିବା ସମ୍ଭବ ହୋଇପାରିଥାଏ। ଅନ୍ୟର ଦୋଷ ଦୁର୍ବଳତାକୁ ଆକ୍ଷେପ କରିବାରେ ନିଜର ବାହାଦୁରି ଭାବୁଥିବା ମଣିଷଟି ନିଜ ଅଜଣାତରେ ହୁଏତ ଆପଣା ଚରିତ୍ର ରକ୍ଷା କର୍ତ୍ୱାରେ ଅବହେଳିତ ହୋଇ ରହିଯାଇଥାଏ। ସସ୍ୟମୀ ମଣିଷ ଶାନ୍ତି ସହାବସ୍ଥାନ ରକ୍ଷା କରିବା ସହ ଆଇନ ଓ ଆପଣା ବୁଦ୍ଧି ଜ୍ଞାନ ବଳରେ ସମତା ଧର୍ମ ରକ୍ଷା କରିବା ବିଧେୟ।

ଦୁଃଖର ବିଷୟ ସମ୍ପ୍ରତି ଆମ ସମାଜରେ ନୈତିକ ଚେତନାର ଘୋର ଅଭାବ ଦେଖାଦେଇଛି । ଉତ୍ତମ ଚରିତ୍ର ଗଠନ ପାଇଁ ସାଧାରଣ ରେ ଉଦାସୀନତା ପରିଲକ୍ଷିତ ହେଉଛି। ଏବେ ଆମେ ଯେତେବେଳେ ଶିକ୍ଷିତ ହେଉଛେ, ସାମାଜିକ ସମ୍ବେଦନଶୀଳତା ଠାରୁ ଦୂରେଇ ଯାଉଛେ। ଗୁରୁ, ଗୁରୁଜନଙ୍କ ପାଇଁ ଆବଶ୍ୟକ ସମ୍ମାନ ଓ କର୍ତ୍ତବ୍ୟ ନିଷ୍ଠାର ଯୁବ ସମାଜକୁ ଅନେକ କ୍ଷେତ୍ରରେ ସଚେତନତା ମଣିଷ ବାସ୍ତବତା ଭୂଲି ଯାଉଛି। ଉଦଭ୍ରାନ୍ତ ମଣିଷ କୁଆଟିଏ ଉଡିଗଲେ ଛୁଆଟିଏ ଉଡିଗଲା ବୋଲି ବିଚାର ବିଭ୍ରମ ହୋଇଯାଉଛି। ଅଯଥା କଥାରେ ବ୍ରତୀ ମଣିଷଟି ଅବିଚାରିତ ଉପାୟରେ ହଇଚଇ ସୃଷ୍ଟି କରିବା ଓ କରାଇବାରେ ପରମ ଆହ୍ଲାଦିତ ହେଉଥିବା ପରିଲକ୍ଷିତ ହେଉଛି। ଏହା ସର୍ବଦା ପରିତ୍ୟର୍ଯ୍ୟ ହେବା ଉଚିତ।

ଏବେ ଆମ ରାଜ୍ୟ ରାଜଧାନୀରେ ଅର୍ଚ୍ଚନା ଯୌନାଚାର ଓ ଆର୍ଥିକ ଶୋଷଣ ଅଭିଯୋଗକୁ ନେଇ ପୋଲିସ ଧରପଗଡ ବାବଦରେ ମାମଲା ଥାନାରୁ ନ୍ୟାୟାଳୟ ଯାଏ ଲମ୍ବିଲାଣି। ଏଥିରେ ଅର୍ଚ୍ଚନାଙ୍କ ଯୌନର୍ଚ୍ଚନାର ଲମ୍ବା ଲମ୍ବା ଫର୍ଦ୍ଦର ବଖାଣ ସାଧାରଣରେ ଚର୍ଚ୍ଚାର ଖୋରାକ ଯୋଗାଇ ଚାଲିଥିବା ପ୍ରକାଶ। ଯୌନ ତୋଷଣ ଓ ଶୋଷଣର ଫିସାଦିଆ କାରସାଦିକୁ ସାକାର କରାଇବାରେ କେବଳ ଅର୍ଚ୍ଚନା ଓ ତାଙ୍କ ଚତୁର ସ୍ୱାମୀଙ୍କୁ ଦୋଷ ଦେଇ ଅନ୍ୟାନ୍ୟ ସଂପୃକ୍ତ ନିଜକୁ ନିର୍ଦ୍ଦୋଷ ବୋଲି ଆଳ କରି ଗଂଗା ସ୍ନାନ କଲେ ମଧ୍ୟ ଆପଣା ବିବେକ ସେମାନଙ୍କୁ ଦଂଶିବା ନିଶ୍ଚିତ। ହେଲେ ଆଇନ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତନାଘନା କରି ଖୋଜି ବାହାର କରି ଦଣ୍ଡିତ କରାଇବା ଆବଶ୍ୟକ। ନଚେତ୍ ସାମାଜିକ ସଂସ୍ଥିତି ଦୋହଲିଯିବ। କାରଣ ସାମାଜିକ ଜୀବନ ରେ ଆଦର୍ଶ ଆଚରଣ ରକ୍ଷାପାଇଁ ଏହା କେବଳ ନ୍ୟାୟୋଚିତ କାର୍ଯ୍ୟ ହେବ।

ଲେଡି ବ୍ଲାକମେଲର କୁହାଯାଉଥିବା ଅର୍ଚ୍ଚନା ନାମକ ଯୁବା ମହିଳା ଆପଣା ସ୍ୱାମୀ ସହ ସଲାସୁତରାରେ ଯୌନାଚାରର ଆଶ୍ରୟ ନେଇ ଅସଦ ଉପାୟରେ ଅର୍ଥ ଉପାର୍ଜନ କରୁଥିଲା। ତାର ମଧ୍ୟବ୍ୟୁହରେ ବସି କ୍ଷଣିକ ସୁଖ ଭୋଗ ଲାଳସା ସମ୍ବରଣ କରି ନପାରି ସମାଜର ବିଭିନ୍ନ ବର୍ଗର ତଥା ପ୍ରଶାସନିକ ସ୍ତରରେ ବିଭିନ୍ନ ପଦାଧିକାରୀ ଧରା ଦେଇ କିପରି ବ୍ଲାକମେଲର ଶିକାର ହୋଇପାରିଲେ ତାହା ବିଚାର୍ଯ୍ୟ । ଏପରି ଅପରିଣାମଦର୍ଶୀ ବିଭିନ୍ନ ବୟସ ବର୍ଗର ପଦସ୍ଥ ବ୍ୟକ୍ତି ବିଶେଷ ଆପଣା ପଦ ଓ ପରିବାରକୁ କିପରି ଧୋକା ଦେଇ ପାରିଲେ, ଏହାର ତନ୍ନତନ୍ନ ଅନୁଶୀଳନ ଓ ତନାଘନା ହେବା ଜରୁରୀ। ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ସନ୍ଦେହ ରେ ପାରସ୍ପରିକ ରାଜନୈତିକ ଅସୂୟା ଭାବରଖି ଏକ ଆରେକ ଉପରେ କାଦୁଅ ଫୋପଡାରେ ଲିପ୍ତ ରହିବା ମଧ୍ୟ ଅନୁଚିତ୍।

ଅନ୍ୟପକ୍ଷରେ ଅର୍ଚ୍ଚନା ଘଟଣା ଭଳି ବିଗତ ଦିନରେ ଅନେକ ଘଟଣା ଓ ହନିଟ୍ରାପ ଘଟଣା ଜନମାନସକୁ ଆନ୍ଦୋଳିତ କରିଛି। ଚଳଚ୍ଚିତ୍ର ଜଗତରେ, କର୍ପୋରେଟ ଜଗତରେ ଅନେକ ଜଣାଅଜଣା ଏଭଳି ଘଟଣା କ୍ରମରେ ଅନେକ ନିରୀହା ଯୌନ ଶୋଷଣ, କାଷ୍ଟିଂକାଉଚର ଶୀକାର ହୋଇଛନ୍ତି। ସେହିପରି ଠକସୁନ୍ଦରୀଙ୍କ ମଧୂବ୍ୟୁହରେ ଫସି ଅନେକ ଅସହାୟ ମଧ୍ୟ ବଳିପଡିଛନ୍ତି।

କାମୁକଙ୍କ ଲାଗି ନିତି ପ୍ରତିଦିନ କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣ ଦୁଷ୍କର୍ମ ଘଟଣା ମାନ ଘଟିଚାଲିଛି। ଟିକିଏ କଥାରେ ହାଣକାଟ, ହାତାହାତି, ଗାଳିବେଜିତ ଘଟିଯାଉଛି। ଅପରପକ୍ଷରେ କିଶୋର /କିଶୋରୀ, ଯୁବକ/ଯୁବତୀ ଟିକିଏ କଥାରେ ରାଗରୋଷ, ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି । ଅନେକ କ୍ଷେତ୍ରରେ ମନ ଇଛା କାର୍ଯ୍ୟ କରି ବିଫଳ ହେଲେ ଅକାଳରେ ମୂଲ୍ୟବାନ ଜୀବନ ହାରି ଦେଉଛନ୍ତି। ପର ପୁରୁଷ ଓ ପର ସ୍ତ୍ରୀ ଉପରେ କୁନଜର ଓ ପରକୀୟା ପ୍ରୀତିରେ ମାତି ପବିତ୍ର ସମ୍ପର୍କରେ ଭଟ୍ଟା ପକାଇ ବଦନାମ ହେଉଛନ୍ତି। ବିବାହ ବନ୍ଧନରେ ବାନ୍ଧି ନହୋଇ ସ୍ୱାମୀ ସ୍ତ୍ରୀ ଭଳି ସହବନ୍ଧିତ ରହି ନାନା ଦାମ୍ପତ୍ୟ ସମସ୍ୟାର କାରଣ ହୋଇ ସମାଜରେ ଅଯଥା ଅସ୍ଥିରତା ସୃଷ୍ଟି କରୁଛନ୍ତି। ଚୋରୀ, ରାହାଜାନୀ ଯେପରି ନିତିଦିନିଆ ଘଟଣା ହୋଇଗଲାଣି। ସଂପ୍ରଦାୟ, ଜାତି, ଧର୍ମକୁ ନେଇ ରାଜନୀତି ହେଉଛି। ଗାଁ ଗାଁରେ କୁଜି ନେତାଙ୍କ ରାଜନୀତିରେ ସାମିଲ ହୋଇ ଗାଁ ଭାଇଚାରା ଉପରେ କୁଠାରାଘାତ ହେଉଛି। ଫଳରେ ସମସ୍ୟା ବହୁଳ ଗରିବଗୁରୁବାଙ୍କ ଜୀବନ ବିପନ୍ନ ହେଉଛି।

ଅତୀତରେ କେତେ କେତେ ଦୈବ ଦୁର୍ବିପାକ ଆମକୁ ନିଷ୍ଠୁର ପ୍ରହାର କରିଛି। ଅନେକ ସ୍ଥାନରେ ଦେଶ ଦେଶ ମଧ୍ୟରେ ଯୁଦ୍ଧର ଘନଘଟା ସେଠାରେ ସାଧାରଣ ଜୀବନକୁ ବିପନ୍ନ କରି ଆସୁଛି। ଅମୂଲ୍ୟ ଜୀବନକୁ ନବୁଝିଲେ ନୀତି କେଉଁଠି ନା କେଉଁଠି କାହାର ଅମୂଲ୍ୟ ଜୀବନ ନିଶ୍ଚିହ୍ନ ହୋଇଯିବା ଥୟ।

ନିକଟରେ କରୋନାର ଦୁଇଦୁଇଟି ଲହର କେତେ ମୁଣ୍ଡ ନେଇଗଲା। ରୋଗ ଦୁର୍ବିପାକ ଆଗରେ ମଣିଷର ସବୁ ଦାମ୍ଭିକତା ଗୌଣ ହୋଇଗଲା। ଦୁଃସ୍ଥିତି ରେ ପେଶି ହୋଇ ଅସ୍ପସଖ୍ୟ ଅସହାୟ ଜୀବନ ଓ ସସ୍କଟମୟ ହୋଇଗଲା। ଉପରୋକ୍ତ ନିକଟ ଅତୀତରେ ସେହି ଅସହାୟତା ସତରେ କ'ଣ କାହାକୁ କିଛି ଶିଖାଇ ପାରିଲାନାହି! ଆମେ ଅପରିଣାମଦର୍ଶୀ କାହିଁକି ପାରୁନାହୁଁଯେ, ଚରିତ୍ର ନଥିଲେ ସବୁ ଅସାର !

ଶେଷରେଏତିକି କୁହାଯାଇପାରେ, ସ୍ଥାନକାଳପାତ୍ର, ପ୍ରଭାବ ଓ ସ୍ୱାର୍ଥ ନିର୍ବିଶେଷରେ ଆମକୁ ସବୁ ସ୍ତରରେ ବିନୀତ, ଚରିତ୍ରବାନ ତଥା କର୍ତ୍ତବ୍ୟନିଷ୍ଠ ହେବାକୁ ପଡିବ। ଅଳୀକ ଜୀବନର ଅର୍ଥ କୁ ବୁଝି ଆମେ ସମସ୍ତେ ସଞ୍ଜମୀ ହୋଇପାରିଲେ ହୁଏତ ଏହି ପ୍ରେରଣାରେ ଉଦବୁଦ୍ଧ ଆମେ ଆମ ସଭିଙ୍କର ଜୀବନରେ ସାର୍ଥକତା ଆଣ୍ଡି ସହ ଆପଣା ଆପଣା ସାମାଜିକ ସ୍ତରକୁ ନିଶ୍ଚିତ ଭାବରେ ଆଦର୍ଶ ସ୍ଥାନରେ ପହୁଞ୍ଚାଇପାରିବା, ନିଃସନ୍ଦେହ ଅଟେ।

ସ୍ତମ୍ଭକାର,ମା/ପୋ:- ନାଚୁଣୀ
ଜିଲ୍ଲା:-ଖୋର୍ଦ୍ଧା ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪

# ଗାଁ କଥା : ଗାଁରେ ଚାଷ

**ଭୁବନାନନ୍ଦ ତ୍ରିପାଠୀ**

ଏଥର ଗାଁକୁ ଆସିଲି କୁମାର ପୂର୍ଣ୍ଣମୀର ଦିନକ ପରେ। ଭୁବନେଶ୍ୱର ସ୍ଥିତ ଆମ ଲକ୍ଷ୍ମୀବିହାର କଲୋନୀରେ ପ୍ରତିବର୍ଷ ଲକ୍ଷ୍ମୀପୂଜା ଜାକ ଜମକରେ ହୁଏ। ଆମ ସାହିର ଏହା ହେଉଛି ବାର୍ଷିକ ମିଳନ ପର୍ବ। ସାହି ପୂଜାରେ ଭାଗନେଇ ବିସର୍ଜନ ପୂର୍ବରୁ ଗାଁକୁ ଯିବାପାଇଁ ସ୍ଥିର କଲି କାରଣ ଗତ ଦୁଇ ମାସ ଭିତରେ ଗାଁକୁ ଯାଇପାରିନଥିଲି ଏବଂ ଗାଁରେ ଗୋଟିଏ ଜରୁରୀ କାମ ଥିଲା।

ଏ ବର୍ଷର ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ବର୍ଷା, ବାଦଲ କାରଣରୁ ସବୁଆଡ଼େ ମାନ୍ଦା ମାନ୍ଦା ରହିଥିଲା। ଆମ ଗାଁରେ ମଧ୍ୟ ଦୁର୍ଗାପୂଜା ଧୂମଧାମରେ ହୁଏ, ତାପରେ ସାହିପିଲା ଲକ୍ଷ୍ମୀପୂଜା ବି କରନ୍ତି। ମାତ୍ର ଉଭୟ ପୂଜାରେ କେବେ ବର୍ଷା ହେଲା ତ କେବେ ବିଜୁଳି କଟିଲା ଏଣୁ ମାଇକ ବାଜିବା ଓ ଲାଇଟ୍ ସଜ୍ଜା ସଂପୂର୍ଣ୍ଣ ବ୍ୟାହତ ହୋଇଥିଲା। ଆଶ୍ୱିନ-କାର୍ତ୍ତିକ ମାସରେ ଗାଁର ବାତାବରଣ ଭଲ ଥାଏ। ଶୀତ ଆସିବାକୁ ବାକି ଅଛି ଏବଂ ଗ୍ରୀଷ୍ମର ଉତ୍ତାପ ଚାଲିଯାଇଛି। ଏହାସହିତ ଗାଁର ଚାରିପାଖ ଶସ୍ୟକ୍ଷେତ ସବୁଜିମାରେ ଭରପୁର। ଧାନ ଚାଷର ଫସଲ ଭିତରେ ପାଣି ଚାଲୁଛି। ରାସ୍ତା ଘାଟରେ ଠାଏ ଠାଏ ପାଣି, କେଉଁଠି କାଦୁଅ। ନାଳ, ପୋଖରୀରେ ପାଣି ଭର୍ତ୍ତି, ମାତ୍ର ସ୍ୱଚ୍ଛ ପାଣି। ଏହି ସମୟରେ ପୋଖରୀ ଗାଧୁଆରେ ମଜା ଥାଏ, ମାତ୍ର ହାୟ! ଆଜିକାଲି ଗାଁର ସବୁ ପୋଖରୀ ବର୍ଷସାରା ଅବ୍ୟବହୃତ ହୋଇ ରହୁଥିବାରୁ, ଏଥିରେ ପାଣି ଭର୍ତ୍ତି ଅଛି ସତ ମାତ୍ର ଚାରିପାଖରୁ ବୁଦା ଲତାର ଜଙ୍ଗଲ ମାଡ଼ି ଆସିଛି। ଗାଧୁଆ ତୁଠ ଲୁଚିଯାଇଛି। ଏପରି ସ୍ଥଳରେ ଗାଁ ପୋଖରୀରେ ଗାଧୋଇବାକୁ ଇଚ୍ଛା ହୁଏନା। କେତେକ ଗ୍ରାମବାସୀ ଅବଶ୍ୟ ସେଇ ପୋଖରୀରେ ଏବଂ ବର୍ଷା ଦିନିଆ ନାଳର କଳ କଳ ପାଣି ଭିତରେ ଗାଧୋଇବା ମଜା ନେଇଥାନ୍ତି।

ଏବେ ବିଲମାଳର ହୁଡ଼ା ସବୁ ଘାସରେ ଭରପୁର। ସାଧାରଣତଃ ହୁଡ଼ା ଉପର ଘାସକୁ କାଟି ଚାଷୀମାନେ ଘରକୁ ନେଇ ଆସିଥାନ୍ତି ଗୁହାଳରେ ଗାଈ ବଳଦକୁ ଖାଇବାକୁ ଦେବାକୁ, ମୁଖ୍ୟତଃ ଚାଷରେ ପରିଶ୍ରମ କରୁଥିବା ଯୋଡ଼ି ବଳଦ ପାଇଁ। ଏବେ କିନ୍ତୁ ଗାଁର ବଳଦ ଯୋଡ଼ିଙ୍କ ସଂଖ୍ୟା ଅନେକ କମିଯାଇଛି। ଆଗେ ଯେଉଁଠି ୫୦୦ ଯୋଡ଼ି ବଳଦ ଥିଲେ ଏବେ ସେଠି ମାତ୍ର ୭୦-୮୦ ହଳ। ଏଣୁ ବିଲ ହୁଡ଼ାରୁ ଘାସ କାଟିବା ହେଉନି। ଚଲାବାଟ ସବୁ ସଂକୁଚିତ, ଘାସମୟ।

ଗାଁରେ ଷଣ୍ଢମାନଙ୍କର ଉତ୍ପାତ ବହୁ ପରିମାଣରେ ବଢ଼ି ଯାଇଛି। ଗାଈର ମାଈ ବାଛୁରୀ ବଡ଼ ହେଲେ ଗାଈ ହେଉଛି, ମାତ୍ର ଅଣ୍ଡିରା ବାଛୁରୀର ଡ଼ିମାଣ୍ଡ ନାହିଁ। ଏଣୁ ଖୋଲା ବୁଲିବାକୁ ଛାଡ଼ି ଦିଆଯାଉଛି। ଗାଁର ୩୦୦ ସଂଖ୍ୟକ ଗାଈ ପଲ ଭିତରେ ୩୦-୪୦ ଷଣ୍ଢ। ଷଣ୍ଢମାନଙ୍କ ପାଇଁ ଗୁହାଳ ନଥାଏ, ମାଲିକ ନଥାନ୍ତି, ଏଣୁ ଏଣେତେଣେ ବୁଲି ପେଟ ଭର୍ତ୍ତି କରିବା ଏମାନଙ୍କର କାମ। ଧାନ କିଆରୀରେ ପାଣି ଫସଲ ଖାଇବା ଏମାନଙ୍କ ପାଇଁ ସହଜ ବାଟ। ଷଣ୍ଢ ଦାଉରୁ ରକ୍ଷା ପାଇବା ପାଇଁ ଏବେ ଗାଁ ବାଲା ନୂଆ ଉପାୟ ଅବଲ ନ କରିଛନ୍ତି। ଗୋଟିଏ ବିଲମାଳ ଚକଡ଼ାର ଚାରିପାଖରେ ତାରବାଡ଼ ବୁଲାଇ ଦେଇ ଇଲେକ୍ଟ୍ରି ଚାର୍ଜ କରିଦେଇଛନ୍ତି। ଏହାଦ୍ୱାରା ଏହି ତାରବାଡ଼ ଭିତରେ ୫୦- ୧୦୦ ଏକରର ଫସଲ ଏହାଦ୍ୱାରା ସୁରକ୍ଷିତ ରହୁଛି।

ହନୁ ମାଙ୍କଡ଼ ମାନଙ୍କର ଉପଦ୍ରବ ମଧ୍ୟ ଗତ କେତେ ବର୍ଷ ହେଲା ବଢ଼ିଯାଇଛି। ଜଙ୍ଗଲ ଓ ଗଛ ତୋଟାମାନ ଲଣ୍ଡା ହୋଇଯିବାରୁ ହନୁପଲ ଗାଁ ମୁହାଁ ହୋଇଛନ୍ତି। ଚାଳକୁ ଚାଳ ଡ଼େଇଁ ଗାଁ ସାରା ବୁଲୁଛନ୍ତି। ବାଡ଼ିବଗିଚାରେ ଯେତେ ସବୁ ସଜନା ଗଛ, ଅମୃତଭଣ୍ଡା, ପିଜୁଳି, ଆ , ଡ଼ାଳି ଗଛ, ସେ ସବୁର ଫଳ ଓ ପତ୍ର ସବୁ ଛିଣ୍ଡାଇ ଖାଇଯାଉଛନ୍ତି। ଚାଳ ଉପରେ ମାଡ଼ିଥିବା ଲଟା ଗଛ ଭିତରୁ କଖାରୁ କସି, ଲାଉ କସି ମଧ୍ୟ ଛାଡୁ ନାହାଁନ୍ତି। ବାହାରେ ଧାନ, ଚାଉଳ, ମୁଗ ଆଦି ଶୁଖୁଥିଲେ ସେସବୁକୁ ଖାଇ ଫିଙ୍ଗି ନଷ୍ଟ କରିଦେଉଛନ୍ତି। ଏମାନଙ୍କ ପ୍ରାଦୁର୍ଭାବର ଭୟରେ ଗାଁର ବୁଲା କୁକୁର ମଧ୍ୟ ଲାଞ୍ଜ ଜାକି ରହୁଛନ୍ତି। ଚାଷୀର ବାଡ଼ିଘର ଲଣ୍ଡା।

ଆଜିକାଲି ହାଇବ୍ରିଡ଼ ଧାନ ଚାଷର ପ୍ରୟୋଗ ଫଳରେ ଚାଷ ଜମିରୁ ଅମଳ ଦୁଇ ଗୁଣରୁ ଅଧିକ ହୋଇଛି, ମାତ୍ର ହାଇବ୍ରିଡ଼ ଧାନର ଚାଉଳ ରାନ୍ଧିଲେ ପାରମ୍ପରିକ ଚାଉଳ ରନ୍ଧାର ବାସ୍ନା ମିଳୁନାହିଁ, ସ୍ୱାଦ ନାହିଁ। ପୂର୍ବ ଦିନର ଧାନଗୁଡ଼ିକର ବିହନ ମଧ୍ୟ ଏବେ ଦୁଷ୍ପ୍ରାପ୍ୟ। କେତେ ଜଣ ଚାଷୀ ଅଳ୍ପ ଜମିରେ କେବଳ ଖତ ପ୍ରୟୋଗ କରି ବିନା ରାସାୟନିକ କୀଟନାଶକ ରେ ଚାଷ କରୁଛନ୍ତି, ଏବଂ ସ୍ୱାଦିଷ୍ଟ ଚାଉଳ ପ୍ରସ୍ତୁତ କରି ନିଜ ଘର ରୋଷେଇ ପାଇଁ ରଖୁଛନ୍ତି। ବଳଦ ଯୋଡ଼ି କମିଯିବାରୁ ଚାଷ ଜମି ପାଇଁ ଗୋବର ଖତର ଅଭାବ ହେଉଛି। ଅଧିକାଂଶ ଚାଷୀ ରସାୟନିକ ସାର ଉପରେ ନିର୍ଭର କରୁଛନ୍ତି। ଜମିରେ ରାସାୟନିକ ସାର ପ୍ରୟୋଗ କରିବା ଏକ ପ୍ରକାର ବାଧ୍ୟତାମୂଳକ ହୋଇଯାଇଛି। ତା'ନହେଲେ ଗଛ ବଢୁନି, କୁଆଁ ଦେଉନି, ଧାନ କ୍ଷୀର ଖାଉନି ଆଉ ଅମଳ ଅଧା ଅଧି ହେଉଛି। ଜମି ଅନୁର୍ବର ହେବାରେ ଲାଗିଛି। ଚାଉଳର ସ୍ୱାଦ ବଦଳିଯାଉଛି ସତ ମାତ୍ର ଧାନ ଅମଳ ବଢ଼ିଛି। ଧାନର ବଜାର ମୂଲ୍ୟ ବଢ଼ିବା ଫଳରେ ତଥା ମଣ୍ଡିରେ ଧାନ ବିକ୍ରିୟ ସୁବିଧା ହୋଇଥିବାରୁ ଚାଷୀ ହାତକୁ ଦି'ପଇସା ସୁବିଧାରେ ମିଳୁଛି। ଏଣୁ ଏଇ ମଉକାକୁ ହତାଛଡ଼ା କରିବାକୁ ଚାଷୀକୂଳ ଚାହୁଁନାହାଁନ୍ତି। ଏବେ ଜୈବିକ କୃଷିର ପ୍ରଚଳନ ଆର ହୋଇ ଗଲାଣି, ଏବଂ ଏହାର ବଜାର ଚାହିଦା ଦିନକୁ ଦିନ ବଢୁଛି, ମାତ୍ର ଆମ ଗାଁରେ ଏ ଦିଗରେ ବିଶେଷ କିଛି ହୋଇନାହିଁ।

ଟ୍ରାକ୍ଟର ଚାଷ ଫଳରେ ଧାନ ବିଲରୁ ଘାସ ମରୁନି। ଟ୍ରାକ୍ଟରରେ ରୋଟର ଯୋଡ଼ି ବିହୁଡ଼ା ବେଉଷଣ ହେଉଛି, ମାତ୍ର ହଳ ଲଙ୍ଗଳରେ ଚାଷ କରି ମଇ ଦ୍ୱାରା କାଦୁଆ ମାଟିକୁ ସମତଳ କରିଦେଲେ ଘାସପତ୍ର ତା'ଭିତରେ ପୋତିହୋଇ ପଚିଯାଉଥିଲା। ଏବେ ମେସିନ୍ ଚାଷରେ ସେପରି ହେଉନାହିଁ। କେତେ ଯାଗାରେ ଚାଷଜମି ପଡ଼ିଆ ଥିବାର ଦେଖିଲି ଏବଂ କାରଣ ପଚାରିବାରୁ ଜଣାଗଲା ଯେ ଚାରିପାଖର ଜମିରେ ଆଗୁଆ ଚାଷ ହୋଇ ଫସଲ ବଡ଼ ବଡ଼ ହୋଇଯିବାରୁ ତା ଉପରେ ଟ୍ରାକ୍ଟର ଚଳାଇ ଖାଲି ବିଲକୁ ଯାଇ ହେଉନାହିଁ। ହଳ ବଳଦରେ ଚାଷବେଳେ ଏ ଅସୁବିଧା ନଥିଲା।

ଏବେ ଆସିବା ଗାଁରେ ମୋ ପାଇଁ ଥିବା ଗୁରୁତ୍ୱପୂର୍ଣ୍ଣ କାମ ପାଖକୁ। ଗାଁରେ ଆମର ଜମି, ପଡ଼ିଆ ମିଶି ପ୍ରାୟ ୯ଏକର ଭୂ-ସମ୍ପତ୍ତି ରହିଛି। ବାପା-ମା ଉଭୟ ଚାଲିଗଲେଣି। ଚାରି ଭାଇ ଭିତରୁ ବଡ଼ ଭାଇ ମଧ୍ୟ ସ୍ୱର୍ଗବାସୀ। ମାତ୍ର ପୈତୃକ ସମ୍ପତ୍ତି ଭାଇମାନଙ୍କ ଭିତରେ ଏଯାଏଁ ବଣ୍ଟା ହୋଇନାହିଁ। ସବା ସାନ ଭାଇ ଗାଁ ଘରେ ରହେ। ଗାଁର ଚାଷବାସ କଥା ବୁଝେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ସହଚରୀ

**ପ୍ରତିମା ମେହେର**

ସେ ମୋତେ ଭଲ ପାଏ ବୋଲି
ଅନେକ ଦୂରରେ ରହେ
ତା ମନ କଥା ଜଣେଇ ଦିଏ
ଅଖଣ୍ଡ ନିରବତାରେ..

ମୋ ପ୍ରତିଟି ସୁଖ ଦୁଃଖର
ସାଥିଟିଏ ସିଏ
ବେଳେ ବେଳେ ରାଗ ରୁଷା କରେ
ସମ୍ପର୍କ'ର ନିବିଡ଼ତା ପରଖେ
ଚୁପ୍ ଚାପ୍ ସହିଯାଏ..

ଭୁଲିଯାଏ ମୋତେ..
ସାରା ଜୀବନ ମନେ ରଖିବା ପାଇଁ
ହଳଦୀ ଗୁରୁ ଗୁରୁ ସୁନା ପରି
ବିଶ୍ୱାସ ଟିଏ
ବଡ଼ ସ୍ୱାଭିମାନୀ ସିଏ

ପାହାଡ଼ ପରି ଅବିଚଳିତ,ଅଟଳ
ମୋର ପ୍ରତି ନିଃଶ୍ୱାସରେ ବସେ
ବୋଲି
ଢାଳିଦିଏ ଅଜସ୍ର ବିଶ୍ୱାସ
ବନ୍ଧୁ ପରି ବନ୍ଧୁଟିଏ ସିଏ..

ମିଳନ କୁ ଡରେ ବୋଲି
ରହେ ଦୂରେ ଦୂରେ
ସହିଯାଏ ବିରହ ବେଦନା କେତେ
ମୋ ପ୍ରତିଟି ସତ୍ତାରେ
ତହାରି ଚେତନା
ମନ ଜାଣି ମିତଟିଏ ସିଏ..

ଖୋଜିବୁଲେ ତାରି ଅସ୍ତିତ୍ୱ
ରହେ ସିନା ନଈ ଆର ପାରେ
ଘର କରେ ମୋରି ହୃଦୟରେ
ପାଏ ତାକୁ ଅତି ନିକଟରେ..

ଢାଳିଦେଲେ ଦି'ଟୋପା
ଲୁହ ହାତ ପାପୁଲିରେ
କହେ, ସାଗର ଗର୍ଭରେ ମୁକୁତାଟିଏ
ଢଳ ଢଳ ପଦୁଅଁ ପତରେ
ଅମୃତ ବିନ୍ଦୁଟିଏ..

କାନ୍ଦେ ବୋଲି କଇଁ କଇଁ ଖିଲି ଖିଲି
ହସେଇଦିଏ
ଆଙ୍କିଦିଏ ମଥାରେ ଗାଢ଼ ଚୁମ୍ବନ
ବାସିଯାଏ, ଫଗୁଣ ଫଗୁଣ
ସାରା ଇଲାକାରେ...

ଉଡେଇ ଦିଏ ବିସ୍ତୃତ ନୀଳାକାଶେ
ଆବଦ୍ଧ ରହେ, ପିଞ୍ଜରାରେ
ମୁକ୍ତ କରେ ବନ୍ଧନ, ମୁଁ ତା'ର
ଜନ୍ମ ଜନ୍ମର ଚିର ସହଚରୀଟିଏ..

ପାଟଣାଗଡ଼, ଜି-ବଲାଙ୍ଗିର

### ନୀଳ ନିମନ୍ତ୍ରଣ

**ବେଣୁଧର ସୂତାର**

ଲଳିତ ଚମକ ନୟନରେ ଯାର
ଅୟୁତ ଯୁଗର ତନ୍ଦ୍ରା ଜାଗେ
କୁଆଁରୀ ଦେହର କଅଁଳ ମନଟା
ନିବିଡ ହୃଦୟ ମମତା ମାଗେ ।

ଜୋଛନା ପଖଳା ଶାନ୍ତ ବିଭାବରୀ
ତୁମରି ପରଶେ ଉଠିବ ଚେଇଁ
ମୁଁ ଯେ ପ୍ରତୀକ୍ଷାର ବିଧୁର ତାରୁଣ୍ୟ
ନିବିଡ ନିଶିର ଉଦାସୀ କଇଁ ।

ଭବ ଉପବନେ ପ୍ରେମାମୃତ ପାନେ
ନିରବେ ରହିଛି ଯା ପଥ ଚାହିଁ
ପ୍ରେମପୀୟୂଷରେ ପୀରତିଅର୍ଘ୍ୟରେ
ତନୁତୀର୍ଥ ମୋର ଦେବ ଭିଜାଇ ।

ବୟସ ନିଶାରେ ଅୟସୀ ତନୁ ମୋ
ଆତୁରେଲୋଡେ ଯା ପ୍ରୀତି ବନ୍ଧନ
ମନତଳେ ଖେଳେ ବେପଥୁବଳାକା
ଆଖିରେ ଆଖିଏ ମିଠା ସପନ ।
ତୁମେ ଆକାଶର ଚିରନ୍ତନୀ ସତ୍ତା
ମୁଁ ମାଟି ମରତ ନଶ୍ୱର ଦେହୀ
ଆଦି ରସ ଭରା ପ୍ରୀତି ପୀୟୂଷରେ
ବୟସକୁ ମୋର ନିଅ ଚୋରାଇ ।

କୁଆଁରୀ ମନର ମଉଳା ଓଠରେ
ଫୁଟାଇବା ପାଇଁ ବଧୂଳି ହସ
ଘେନାକରି ମୋର ନୀଳ ନିମନ୍ତ୍ରଣ
ଅନ୍ତପୁରେ ପ୍ରିୟ ଆସ ଗୋ ଆସ ।

ନୀଳ ସରସୀର ନୀଳ ଉତ୍ପଳ ମୁଁ
ତୁମେ ନୀଳାମ୍ବର ସୌମ୍ୟ କୁମାର
ଶିଖାଇବା ବିଶ୍ୱେ ପରିପୂର୍ଣ୍ଣତାର
ଆମ ପ୍ରେମ ଅଟେ ଚିର ସୁନ୍ଦର ।

କେଶଦୁରାପାଳ ,କେନ୍ଦୁଝର
ମୋ -୯୧୭୮୫୬୮୨୪୬

### ଯିବି ମୁହିଁ ଶାଶୁଘର

**ରମେଶ ଚନ୍ଦ୍ର ନାୟକ**

ହୋଇଗଲା ମୋତେ ଏକୋଇଶି ବର୍ଷ
ବିଭା ହେବା ଯୋଗ୍ୟ ହେଲି
କଟକଣା ନୀତି ଜାଲେ ନୀଳ ବତୀ
ସର୍କାର ଦେଇଛି ଖୋଲି ।

ମନ ମୋର ପ୍ରିୟ ହେଲାଣି ଅଥୟ
ନେଇ ଯାଅ ବୋହୂ କରି
ଭରା ଯଉବନ କାହୁଁ କା'ର ମନ
ନେଇଯିବ ଚୋରିକରି ।

ନଅ ତରକାରୀ ଛଅ ତିଅଣ ମୁଁ
ରାନ୍ଧିବି ତୁମରି ପାଇଁ
ଶାଶୁ ଶଶୁରଙ୍କ ସେବାରେ ଟିକେ ବି
ଊଣା ମୁଁ କରିବି ନାହିଁ ।

ତୁମ ଚାଳଘର ଅଗଣା ଦୂଆର
ଧୋଇ ଲିପିପୋଛି ଦେବି
ଝୋଟି ମୁଁ ଆଙ୍କିବି ଉପାସ କରିବି
ଲକ୍ଷ୍ମୀ ପୁରାଣ ପଢିବି ।

ଘର ଅଗଣାର ଚଉଁରା ମୂଳରେ
ସଞ୍ଜବତୀ ମୁଁ ଜାଳିବି
ତୁମ ପାଇଁ ମୀତ କରିବି ମୁଁ ବ୍ରତ
ସାଥିରେ ମନ୍ଦିର ଯିବି ।

ସପନ ମୋହର ହେବକି ସଫଳ
ହେବ ମୋର ବିଭାଘର
ଅଳତା ସିନ୍ଦୂର ପାଟଶାଢ଼ୀ ପିନ୍ଧି
ଯିବି ମୁହିଁ ଶାଶୁଘର ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

### ଚିରବନ୍ଦୀ

**ଡ. ବିଜୟ କୁମାର ଦେ**



କାଲିପରି ମନେ ହୁଏ
ଫଗୁଣର ସେହି ଫଗୁ ଖେଳ କଥା
ରୋମାଞ୍ଚ ରାତିର ଅପାସୋରା ସ୍ମୃତି
ମାଟିକାନ୍ଥ କୋଠରୀରେ
କୁଆଁରୀ ମନର ନିରବ ପରିଭାଷା ।

ଅଚିହ୍ନା ହୃଦୟର ପରିଧି ଭିତରେ
ନିଜ ପାଇଁ ସ୍ଥାନ ସନ୍ଧାନରେ
ଛପି ଛପି ଯାଉ ଯାଉ
ବାଟ ହୁଡି ଚିରବନ୍ଦୀ ହୋଇଯାଏ ।

ଅତୀତକୁ ଭୁଲି ପରକୁ ନିଜର କରି
ଚାଲୁଛି ଚାଲିବି, ସହୁଛି ସହିବି
ଯା' ଅଛି ମୋ ଭାଗ୍ୟଲେଖା ।

ସୀମନ୍ତେ ସନ୍ଦୂର ମୋ ରହୁ ସମୁଜ୍ଜଳ
ସୁଖ ବାଣ୍ଟି ଜୀବନକୁ
କରିବି ସଫଳ ।

ସାତତାଳ କୋଠାବାଡି
ନୁହଁ ମୋ ବାସନା
ପ୍ରୀତିରଙ୍ଗା ମନଟା ମୋ
ଖୋଜେ ଖାଲି ଆଖିର ଇସାରା
ଆଉ ତୃଷାର ବାହାନା ।

ଇଂରାଜୀ ଅଧ୍ୟାପକ : ବାଲେଶ୍ୱର
(ମୋ) ୯୯୩୭୮୬୧୭୭୪





**କାର୍ତ୍ତିକ ସାଇଁ**

## ମିନା ଅପାଙ୍କ ରାମାୟଣ ଟୁର୍ଣ୍ଣି (୫୯)

# ସୀତାଙ୍କୁ ଠାବ କରିବାକୁ ଅଭିଯାନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ବର୍ଷାଦିନ ଆରମ୍ଭ ହୋଇଗଲା। ପ୍ରାୟ ଚାରିମାସ ପର୍ଯ୍ୟନ୍ତଯାତ୍ରା ସମ୍ଭବ ହେବନି। ଏ କଥା ସେ ସମୟରେ ଜଣାଥିଲା। ତେଣୁ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ପ୍ରସବଣ କରି ଉପରକୁ ଯାଇ ଏକ ପର୍ଣ୍ଣକୁଟୀର ନିର୍ମାଣ କଲେ ଓ ସେଠାରେ ରହିବାକୁ ଲାଗିଲେ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ବର୍ଷାଦିନରେ ପ୍ରସବଣ ପର୍ବତ ଓ ତା ଆଖପାଖ ବେଶ୍ ସୁନ୍ଦର ଦିଶୁଥିଲା। ମାତ୍ର ସୀତାଙ୍କ ବିରହରେ ରାମଙ୍କ ମନ ବହୁତ ଦୁଃଖୀ ହୋଇ ଉଠୁଥିଲା। ଅଯୋଧ୍ୟାରୁ ଆସିବା ପରେ ରାମ ସୀତାଙ୍କ ସହିତ ବଣରେ ବୁଲି ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୋହିତ ହୋଇଥିଲେ। ମାତ୍ର ଏବେ ପାଣପ୍ରିୟା ସୀତା ତାଙ୍କ ପାଖରେ ନାହାନ୍ତି, ତେଣୁ ତାଙ୍କ ମନ ବିରସ ହୋଇ ଉଠୁଥିଲା।

ବର୍ଷା ରତୁ ସରିଗଲା। ପୃଥିବୀକୁ ଶରତ



ରତୁର ଆଗମନ ହେଲା। ପୃଥିବୀ ରାଣୀ ସଜେଇ ହେଲା। ବର୍ଣ୍ଣ ବିଭାରରେ। ଶ୍ରୀରାମ ଅପେକ୍ଷା କଲେ ମିତ୍ର ସୁଗ୍ରୀବଙ୍କର ସୁଗ୍ରୀବ ତାଙ୍କ ସୈନ୍ୟ ସାମନ୍ତ ନେଇ ଆସିବେ ଓ ସୀତାଙ୍କୁ ଠାବ କରିବା କାର୍ଯ୍ୟ ଆରମ୍ଭ ହେବ। ଏହି କଥା ଶ୍ରୀରାମ ଚିନ୍ତା କରୁଥିଲେ।

ଶରତ ରତୁର ଅନେକ ଦିନ ବିତିଗଲା। ମାତ୍ର ସୁଗ୍ରୀବଙ୍କର ଦେଖା ନଥିଲା। ଶ୍ରୀରାମ ବିଚଳିତ ହୋଇ ପଡ଼ିଲେ। "ମିତ୍ର ସୁଗ୍ରୀବ ତାଙ୍କ ପ୍ରତିଜ୍ଞା କଥା ଭୁଲିଗଲେ କି ?" ଶ୍ରୀରାମଙ୍କ ମନରେ ଉଠିଲା ପ୍ରଶ୍ନ।

ସେପଟେ ହନୁମାନ ମଧ୍ୟ ସୁଗ୍ରୀବଙ୍କୁ ରାମଙ୍କୁ ଦେଇଥିବା ବଚନ କଥା ସ୍ମରଣ କରାଇ ଦେଲେ। ମାତ୍ର ସୁଗ୍ରୀବ ଭୋଗ ବିଳାଶରେ ମତ୍ତ ଥିଲେ। ହନୁମାନଙ୍କ କଥାକୁ ଗୋଟେ କାନରେ ପୂରେଇ ଅନ୍ୟ କାନରେ ବାହାର କରିଦେଲେ।

ସୁଗ୍ରୀବ ଓ ତାଙ୍କ ସନ୍ୟସାମନ୍ତ ଆସିବାକୁ ବିଳମ୍ବ ହେଉଥିଲା। ଶ୍ରୀରାମ ଧର୍ଯ୍ୟ ହରାଇଲେ ଓ ଭ୍ରାତା ଲକ୍ଷ୍ମଣଙ୍କୁ କିଷ୍କିନ୍ଧ୍ୟା ନଗରକୁ ପଠାଇଲେ। କିଷ୍କିନ୍ଧ୍ୟାରେ ଲକ୍ଷ୍ମଣ ଯାହା ଦେଖିଲେ ଓ ଶୁଣିଲେ ସେଥିରେ ତାଙ୍କର ରାଗ ଚଢ଼ିଗଲା। ସେ ଏକ ଶର ନିକ୍ଷେପ କରି ସୁଗ୍ରୀବଙ୍କୁ ଚେତାଇଦେଲେ ଯେ ଶ୍ରୀରାମଙ୍କ ସାନଭାଇ ଲକ୍ଷ୍ମଣ ତାଙ୍କୁ ଦେଖା କରିବାକୁ ଆସିଛନ୍ତି।

ଲକ୍ଷ୍ମଣଙ୍କ ଶରର ଶବ୍ଦ ସୁଗ୍ରୀବଙ୍କୁ ଭୟଭୀତ କରିଦେଲା ଓ ସଂଗେ ସଂଗେ ଲକ୍ଷ୍ମଣଙ୍କୁ ଶାନ୍ତ କରିବାକୁ ପତ୍ନୀ ତାରାଙ୍କୁ ପଠାଇଲେ। ତାରା ଆସି ଲକ୍ଷ୍ମଣଙ୍କୁ ବୁଝେଇ ସୁଝେଇ ଶାନ୍ତ କରାଇଲେ। ସେ ସଂଗେ ସଂଗେ ତାଙ୍କ ମନ୍ତ୍ରୀଙ୍କୁ ଆଦେଶ ଦେଲେ- ରାଜ୍ୟର ସମସ୍ତ ସୈନ୍ୟ ସାମନ୍ତକୁ କିଷ୍କିନ୍ଧ୍ୟା ନଗରୀରେ ପହଂଚିବାକୁ କୁହାଯାଉ।

ଲକ୍ଷ୍ମଣ ଭ୍ରାତାଙ୍କ ପାଖକୁ ଫେରିଲେ ଓ ସୁଗ୍ରୀବ ଶୀଘ୍ର ସୈନ୍ୟ ସାମନ୍ତ ଧରି ପହଂଚିବେ ବୋଲି ଶ୍ରୀରାମଙ୍କୁ କହିଲେ।

**ରାମଙ୍କଠାରୁ ବକ ପକ୍ଷୀର ବରଲାଭ:** ରାମାୟଣରେ ଅନେକ ଚମତକାର କଥାର ବର୍ଣ୍ଣନା କରାଯାଇଛି। ବକ ପକ୍ଷୀର ବରଲାଭ ତା ମଧ୍ୟରୁ ଗୋଟିଏ।

ସୀତା ହରଣ ପରେ ଶ୍ରୀରାମ ଭାଇ ଲକ୍ଷ୍ମଣଙ୍କ ସହିତ ଜଙ୍ଗଲରେ ବୁଲି ତାଙ୍କୁ ଖୋଜୁଥିଲେ। ଜଟାୟୁ ପ୍ରଥମେ ଶ୍ରୀରାମଙ୍କୁ ସୀତାଙ୍କ ଖବର ଦେଇଥିଲେ।

ଥରେ ଶ୍ରୀରାମ ଜଙ୍ଗଲରେ ଲକ୍ଷ୍ମଣଙ୍କ ସହିତ ବୁଲୁଥିଲେ। ସେ ବହୁତ ଦୁଃଖୀ ଜଣା ପଡୁଥିଲେ। ଏହି ସମୟରେ ଶ୍ରୀରାମ ଏକ ବକ ପକ୍ଷୀକୁ ଏକ ଉଚ୍ଚ ଗଛରେ ବସିଥିବାର ଦେଖିଲେ ଓ ସେ ସ୍ୱତଃସ୍ଫୁର୍ତ୍ତ ଭାବରେ ବକ ପକ୍ଷୀଙ୍କୁ ସୀତାଙ୍କ ବିଷୟରେ ପଚାରିଲେ।

ବକ ପକ୍ଷୀଟି କହିଲା- "ହେ ଶ୍ରୀରାମ, ମୁଁ ମାତା ସୀତାଙ୍କୁ ଏକ ଦୁଷ୍ଟ ରାକ୍ଷସ ଏକ ରଥରେ ଆକାଶ ପଥରେ ନେବା କଥା ଦେଖିଛି। ସେ ବିକଳରେ ରୋଦନ କରୁଥିଲେ ଓ ତୁମକୁ ତାଙ୍କ ବାର୍ତ୍ତା ଦେବାକୁ କହିଥିଲେ। ଭଲ ହେଲା, ଆପଣଙ୍କ ସହିତ ଦେଖା ହୋଇଗଲା। ସେ ରାକ୍ଷସ ଲଙ୍କାର ରାବଣ। ଆପଣ ଲଙ୍କାକୁ ଯାତ୍ରା କରନ୍ତୁ ଓ ମାତା ସୀତାଙ୍କୁ ଉଦ୍ଧାର କରନ୍ତୁ।

ବକପକ୍ଷୀ କଥାରେ ଶ୍ରୀରାମ ଭାବବିହ୍ୱଳ ହୋଇଗଲେ ଓ ତାଙ୍କୁ ଧନ୍ୟବାଦ ଦେଲେ ଓ ବର୍ଷାଦିନେ ତାଙ୍କ ଖାଦ୍ୟ ତାଙ୍କୁ ତାଙ୍କ ପତ୍ନୀ ଦେବେ ବୋଲି ବରଦେଲେ। ଦ୍ୱିତୀୟ କଥା କାର୍ତ୍ତିକ ମାସର ଏକାଦଶୀଠାରୁ ପାଂଚଦିନ ବକ ପଂଚମୀ ବୋଲି ମନାଯିବ। ଏହି ପାଂଚଦିନରେ ଆମିଷ ତ୍ୟାଗ କଲେ ସୁଫଳ ମିଳିବ।

ଶ୍ରୀରାମଙ୍କ କଥାରେ ବୃଦ୍ଧ ବକପକ୍ଷୀ ଖୁସି ହେଲା ଓ ତାଙ୍କୁ ଧନ୍ୟବାଦ ଦେଲା।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

ମୋ: ୯୯୮୦୩୦୦୭୫୧





**ନଗେନ୍ଦ୍ର ନାଥ ପଟ୍ଟନାୟକ**

# ସିମେଇ ଖିରି



ସ୍କୁଲରୁ ଫେରି ଆଠ ବର୍ଷର ଆମଜାଦ୍ ମାମାଙ୍କୁ ଡାକ ପକାଇଲା। କହିଲା, ତମେ ଜାଣିଛ ନା, ଆମ ସ୍କୁଲରେ ଆଜିକାଲି କ୍ରୀଡା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କାର୍ଯ୍ୟ ଖୁବ୍ ଜୋର୍‌ସୋରରେ ଆଗେଇ ଚାଲିଛି। କିନ୍ତୁ ଆମ ଶ୍ରେଣୀରେ ଖେଳାଳି ଅଛନ୍ତି ନା .. ଅହମ୍ମଦ ....।

ତା' ପାଟିରୁ କଥା ନ ସରୁଣୁ ମାମା ମଝିରେ ତାକୁ ରୋକିଦେଇ କହିଲେ- 'ତା' ନାମ ଅମନ ନା !'

'ବାଃ . ..ବାଃ , ମାମା ତମକୁ ଏକଥା ବେଶ୍ ମାଲୁମ। ମାମା, ଅମନ ଗୋଡ ମକଚିଯାଇଛି।'

'ଓହୋଃ ... । ଅମନ ଗୋଡରେ ମଲମ ଲଗେଇଲେ ଆଉ ଓଷଧପଥି ସେବନ କଲେ ତାକୁ ଖୁବ୍ ଆରାମ ଲାଗିବ । ଆଉ ସେ ଠିକଠାକ ହୋଇଯିବ।

ମାମାର ଏଇ ପଦକ କଥାରେ ଆମଜଦ କହିଲା - 'ମାମା ତମେ ତ ଠିକକଥା କହୁଚ, କିନ୍ତୁ ତମକୁ ମୋର ଗୋଟେ ଅନୁରୋଧ।' 'ଠିକଅଛି, କହ।'

'ମାମା ଆଜି ସକାଳେ ତମେ ଯୋଉ ସୁଆଦିଆ ସିମେଇ ଖିରି ବନେଇଥିଲ ସେଥିରୁ ଗିନାଏ ଗୋଟେ ଟିଫିନରେ ରଖିଦିଅ, ମୁଁ ନେଇ ଅମନକୁ ଦେଇଆସିବି । ସତରେ ତମ ହାତରନ୍ଧା ସିମେଇ ଖିରି କେତେ ସୁଆଦିଆ। ମୋର ଭାରି ପସନ୍ଦ। ମୁଁ ଯେବେ ସ୍କୁଲ ନେଇକି ଯାଏ ଅମନ ଆଉ ମୁଁ ଦୁହେଁ ଖୁବ୍ ମଜାରେ ବାଂଟିକୁଂଟି ଖାଇଥାଉ।'

'ଆଛା, ଏଟା ତ ଖୁବ୍ ଉତ୍ତମ କଥା ... ହେଲେ ତୁ ଏକୁଟିଆଟା କେମିତି ଯିବୁ କହିଲୁ ?' ମାମା ମନେ ମନେ ଖୁସି ଗଦଗଦ ହୋଇଉଠିଥିଲେ। କାହିଁକି ନା ଅମନ ମନରେ ପରୋପକାର ଗୁଣ ଓ ସହାୟତାର ଭାବ ରହିଛି। 'ଆରେ ମାମା, ସେ ତିନିଟି ଘର ଛାଡି ପରିବା ଦୋକାନଟିଏ ଅଛି। ତା ପରେ ଯାଇ ଅମନର ଘର। ସେଥିକି ଚିନ୍ତା କରନା ତା ଘରକୁ ମୁଁ ଏକା ଯାଇ ଦେଇକି ଫେରିଆସିବି।' ଖୁସିରେ ଉଛୁଳିଉଠି କହିଲା ଆମଜାଦ୍। ମାମା ତା ହାତରେ ସିମେଇ ଖିରି ଭର୍ତ୍ତି ଟିଫିନଟାକୁ ଧରାଇ ଦେଲେ ।

କିଛିକ୍ଷଣ ପରେ ଆମଜଦ ହସିହସି ଆସିଲା ଆଉ ଗରମ ଗରମ ପକୋଡି ମାମା ହାତକୁ ବଢାଇ ଦେଇ କହିଲା - 'ମାମା ତମେ ଜାଣିଛ ନା ସେ ଖିରିକି ଅମନର ଭଉଣୀ, ଜେଜେ ଓ ମାମା ବଡ ଆଗ୍ରହରେ ଖାଇଲେ । ଆଉ ସେମାନେ ଏ ଗରମାଗରମ ପକୁଡି ଛାଣି ତମପାଇଁ ପଠେଇଛନ୍ତି।'

'ଆଛା' କହି ସେ ପକୁଡିତକ ଏକ ପ୍ଲେଟରେ ରଖିଦେଲେ ମାମା। ଦୁହେଁଯାକ ଖୁବ୍ ମନଖୁସିରେ ଖାଇବାକୁ ଲାଗିଲେ।

ମାମା କୋଳରେ ଲୋଟିଯାଇ ଅମନ କହିଲା - 'ମାମା, ଅମନର ମକଚିଯାଇଥିବା ଗୋଡଟି ଏବେ ଭଲ ହୋଇଗଲାଣି । ଆମ ସ୍କୁଲରେ ଦୌଡ ପ୍ରତିଯୋଗିତାରେ ସେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଜିତିପାରିଛି।'

'ଆରେ ବାଃ, ବହୁତ ଭଲ ଖବରଟିଏ ଶୁଣାଇଲୁ ପୁଅ।'

ମାମା, ହେଇ ଦେଖ ଏ ପେନ ଆଉ ପେନସିଲ। ଏ ଯୋଡିକ କୋଉଠୁ ଆଣିଲୁ। ମାମା ଆମର ପ୍ରଧାନ ଗରୁଜୀ ଏ ଯୋଡିକ ମତେ ପୁରସ୍କାର ରୂପେ ପ୍ରଦାନ କଲେ।

କିନ୍ତୁ ତୁ ଏମିତି କଣ କରିଦେଲୁ ଅମଜାଦ ? ମାମା ପ୍ରଶ୍ନଭରା ଆଖିରେ ଅମଜାଦକୁ ଅନେଇଲେ।

'ମାମା, ଅମନ ପ୍ରଧାନ ଗୁରୁଜୀଙ୍କ ଆଗରେ କହିଲା -ତମେ ଯୋଉ ସିମେଇ ଖିରି ପଠେଥିଲ ତାକୁ ଖାଇ ତା ଦେହରେ କୁଆଡେ ଶକ୍ତି ସଂଚରିଗଲା।'

'ଆଛା,..... ସତକଥା କହୁଚୁ ପୁଅ।' ଅମଜାଦ ଆହୁରି ମଧ୍ୟ କହିଲା ଯେ ସେ କଥାକୁ ନେଇ ପ୍ରାର୍ଥନା ସଭାରେ ବି ପିଲାଏ ତାଳି ମାରିଲେ।

ଖୁସିରେ ବିଭୋର ହୋଇ ମାମା ଅମଜାଦକୁ କୋଳେଇ ନେଲେ।


+ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯
ଲକ୍ଷ୍ମୀସାଗର, କେନାଲ ରୋଡ
ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮


## କବିତା

ତୁମ ପାଇଁ

# ନାଆଁଟି ମୋର ଦୀପ

**ଶରତ କୁମାର ଦାସ**



ଛୁଆଠାରୁ ବଡ ସଭିଙ୍କ ନିଜର
ଅତି ଆପଣାର କପିଳା ଅଜା,
କଥାଟି ତାଙ୍କର ଭାରି ସୁଆଦିଆ
ଶୁଣିଲେ ଥରେଟି ଲାଗଇ ମଜା ।

ପାକୁଆ ପାଟିରେ ପାନ ଖିଲେ ଖାଇ
ଗାଆଁ ଦାଣ୍ଡେ ଧରି ବଙ୍କୁଲି ବାଡି,
ନଇଁ ନଇଁ ପରା ଧାଉଁଥାନ୍ତି ନିତି
ସତେ କି ଯାଉଛି ମୋଟର ଗାଡି ।

ପୁନେଇ ପରବ ମେଳା ମଉଛବ
ହସୁଥାଏ ତାଙ୍କ ପାଇଁଟି ସିନା,
ସବୁଥିରେ ଅଜା ରହିଥାନ୍ତି ଆଗେ
କିଛି ବି ହୁଏନି ତାଙ୍କରି ବିନା ।

ମେଳ କରି ସବୁ ପିଲାଙ୍କୁ ବୁଝାନ୍ତି
ଗାଆଁ ପରିମଳ କରିବା ପାଇଁ ,
ପରିବେଶ ହେଲେ ସଫାସୁତୁରାଟି
ରୋଗ ବଇରାଗ ମାଡିବ ନାହିଁ ।

ବଖାଣନ୍ତି ତାଙ୍କ ପିଲା ବେଳ କଥା
ଦୁନିଆ କେମିତି ସରଳ ଥିଲା,
ସିନିହ ଶରଧା କିଣୁଥିଲା ମନ
ଏବେ ପରା ସବୁ ହେଲାଣି ଢିଲା ।

ଗୁରୁଗୁରୁଜନେ ଭରିରହିଥିଲା
ମାନ ସନମାନ ଭକତି ଭାବ,
ପର ଉପକାରେ ପୂରିଥିଲା ଖୁସି
ହିଂସା କପଟର ନଥିଲା ଠାବ।

ଡାକତରଖାନା ନଥିଲା ପାଖରେ
ଯେବେବା ଦେହଟି ଖରାପ କା'ର,
ବଇଦ ବାପୁଡା ଚେରମୂଳି ଦେଇ
କରୁଥିଲେ ଉପଚାରଟି ତାର ।

ବଦଳୁଛି ଯୁଗ ଯେତିକି ଆଗକୁ
ସେତିକି ତଳକୁ ଖସୁଛି ଆମେ,
କୁଆଡେ ଗଲାଣି ଶାନ୍ତି ସଦଭାବ
ମନଟି ସଦା ତ ଖରାପ କାମେ ।

କିଏ କାହା ଆଉ କଥାରେ ନାହାନ୍ତି
କପିଳା ଅଜାଙ୍କ ମନରେ ଖେଦ ,
କିଏ ନେଇଗଲା ସେ ସୁନା ଦିନକୁ
ଆମରି ଭିତରେ କାହିଁକି ଭେଦ ?

ସଭିଙ୍କୁ ଆଦରେ କହନ୍ତି ସରାଗେ
'ନାତି ନାତୁଣୀ ମୋ ଶୁଣରେ ଶୁଣ,
ମିଳିମିଶି ତମେ ରହିବ ଏକାଠି
ଦୂରେଇ ଦେଇକି ଯେତକ ଖୁଣ ।'


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


# ଟେଣ୍ଟେଇ ଛୁଆଟି କହିଲା ମାଆ

**ଜୟକୃଷ୍ଣ ସାହୁ**



ଟେଣ୍ଟେଇ ଛୁଆଟି କହିଲାମାଆ !
କହିବାକୁ ତୋତେ ଚାହୁଁଛି ଯାହା
କହି ମୁଁ ପାରୁନି ଖୋଲି,
ଖୋଲି କହିଦେଲେ ସବୁ କଥା ତୋତେ
ଚକିତ ହୋଇବୁ ବୋଲି।

ଟେଣ୍ଟେଇ ମାଆଟି କହିଲା 'ଧନ !
କହିବାକୁ ଯଦି କରିଛୁ ମନ
କହି ଦେଏ ଖୋଲି ମୋତେ
ବୁଝିଗଲେ ତୋର ପାରିବାପଣିଆ
ଉପହାର ଦେବି ତୋତେ'।

ଟେଣ୍ଟେଇଛୁଆଟି କହିଲା 'ମାଆ
ଆଜି ମୋ ସହିତ ଘଟିଲା ଯାହା
ଦେଖି ମନ ହେଲା ଖୁସି,
ଏତେ ବେଶୀ ମୋର ଓଜନ ଜାଣିଲି
ବେଣାବୁଦା ପରେ ବସି।

ମୋର ଭାର ଗଛ ନସହିପାରି
ନଇଁଗଲା ତଳେ ଝଅଟ କରି
କେଡ଼େ ବଳବାନ ସତେ,
ଭାବି ଏଇକଥା ଧାଇଁ ଆସିଅଛି
କହିବାକୁ ପରା ତୋତେ।

ମାଆ କହିଲାରେ ମୋ ଧନମଣି
ତୋ ଗୋଡ଼କୁ ଦେଖି ପାରୁଛି ଜାଣି
ତୁ' କେତେ ପାରିବାର,
ନିଜକୁ ନିଜେ ତୁ ଚିହ୍ନି ନପାରିଲେ
ଲୋକହସା ହେବା ସାର।


+କପିଳପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


# ଦୀପାବଳି

**ସୁବ୍ରତ କୁମାର ଜେନା**



ଆସିଅଛି ଦୀପାବଳୀ
ଫୁଟାଇବା ମିଶି ବାଣ ନାଲି ନେଳୀ
ଆଲୋକର ଏଇ ପର୍ବ
ଅନ୍ଧାରକୁ ଠେଲି ଦେବ ଖୁସି ଢାଳି।

ଅସତ୍ୟ ଉପରେ ସଦା
ସତ୍ୟର ବିଜୟ ଉତ୍ସବ କରିବା ପାଳି
ଭୁଲିଯିବା ଭେଦଭାବ
ପ୍ରସନ୍ନ ହୋଇବେ ଜଗତ ଜନନୀ କାଳୀ ।

ଆମ ପିତୃ ପୁରୁଷଙ୍କୁ
ପୁଜିବା ଶ୍ରଦ୍ଧାରେ କାଉଁରୀ କାଠିକୁ ଜାଳି
ଆମେ ଫୁଟାଇବା ବାଣ
ରଙ୍ଗ ବେରଙ୍ଗର ଦିଆସିଲକୁ ପୁଣି ଜାଳି ।

ହେଲେ ଥିବା ସାବଧାନ
ଗୁରୁଜନଙ୍କ ପରାମର୍ଶରେ ହୋଇବା ମେଳି
ଆବଶ୍ୟକତାରୁ ଅଧିକ
କରିବାନି ବାୟୁ ପ୍ରଦୂଷଣ ବାଣ ଜାଳି ଜାଳି ।

ସାନ ବଡ଼ ମାନି ସଦା
ଖୁସି ହୋଇବା ଆସିଛିରେ ଦୀପାବଳୀ
ସୁରକ୍ଷାକୁ ଧ୍ୟାନ ଦେଲେ
ହସଖୁସିରେ କଟିବ ପର୍ବ ଦୀପାବଳୀ ।

ସବୁ ଘର ଅଗଣାରେ
ଜାଳି ଦେବା ମିଶି ଗୋଟେ ଗୋଟେ ଦୀପାଳି
ସତର୍କ ଭାବରେ ଆମେ
ଫୁଟାଇବା ବାଣ ଶରୀର ଦେବାନି ଜାଳି ।

ଆମେ ସବୁ ବୁଲିବୁଲି ଦେଖିବା ମିଶିକି ମେଢ଼
ମଣ୍ଡପେ ବିଜେ ମା କାଳୀ
ଆନନ୍ଦ ଉଲ୍ଲାସେ ଆସ ଗାଇଗାଇ ଗୀତ ଆମେ
ହେବା କୋଳା କୋଳି।

ଶିଶୁ ଆଉ ବୃଦ୍ଧ ଜନ
ଏମାନଙ୍କ ଠାରୁ ଦୂରେଇ ହୋଇବା ମେଳି
ପଶୁ ପକ୍ଷୀ ପ୍ରତି ଦୟା
ସାବଧାନ ହେବା ଦେବାନି ତାଙ୍କୁତ ଜାଳି ।


+ଶୂରଡିହ, ନନ୍ଦିପୁର,ଯାଜପୁର
ଦୂରଭାଷ-୯୭୭୬୨୦୮୯୩୦


ଧାରାବାହିକ ଉପନ୍ୟାସ | ଶେଷଭାଗ

# ଗପ ହେଲେ ବି ସତ

**ରାମଚନ୍ଦ୍ର ସେଠୀ**



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମାଳିଆ ଡ୍ୟାମ ହେବାପରେ ଡ୍ୟାମର ତଳମୁଣ୍ଡେ ପ୍ରାୟ ଚାଳିଶ ବର୍ଗ କିଲୋମିଟର ନିଘଂଚ ଜଂଗଲକୁ ଅସାଧୁ ଉପାୟରେ ଲିଜ୍ ଦେଇ ହାଣିହୁଣି ଧ୍ୱଂସ କରାଗଲା। ଡ୍ୟାମ୍ ଆଗରେ ପ୍ରାୟ ଚାଳିଶି ପଚାଶ ବର୍ଗ କିଲୋମିଟର ଭୟଙ୍କର ଜଂଗଲକୁ ଜଳାର୍ଣ୍ଣବ କରି ନିପାତ କରାଗଲା। ଏହି ଅଂଚଳ ମହାବଳ ବାଘଙ୍କ ଭରାଭୂଇଁ ଥିଲା। ହଜାର ହଜାର ଜୀବଜନ୍ତୁ ପକ୍ଷୀ ଓ ସରୀସୃପ ଏଇଠି ରହୁଥିଲେ। ମଣିଷର ଅତ୍ୟାଚାରରେ ବାଘର ଗର୍ଜନ ଆଉ ଶୁଣାଗଲାନି। ଏଡ଼େ ବଡ଼ ବିରାଟ ଜଂଗଲକୁ ବାଘ ଶୂନ୍ୟ ହେଇଗଲେ। ସ୍ୱପ୍ନ ହେଇଗଲା ବାଘର ଦର୍ଶନ।

୧୯୫୯ ମସିହାରେ ମୁଁ ଏକାଦଶ ଶ୍ରେଣୀ ପାସ୍ କରି ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ପଢ଼ିବାକୁ ଚାଲିଗଲି। ଏବେ ଯାଉଚି ବଣକୁ। ଦେଖୁଚି ଉଜୁଡ଼ି ଯାଇଛି ମୋ ପ୍ରିୟ ଜଙ୍ଗଲ, ହଜିଯାଇଚି ତାର ସେକାଳ ସବୁଜ ସୁଷମା। ଲୁଚି ଯାଇଛନ୍ତି ତାର ସମସ୍ତ ଜୀବଜନ୍ତୁ। ପିଲାଦିନ କଥା ମନ ପକେଇଲେ ଆଜି ବହୁତ ଦୁଃଖ ଲାଗୁଚି ତା ହତଶିରୀ ଦେଖି।

(ସମାପ୍ତ)


+ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ସମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବ ଷ୍ଟେଟ୍ ରାପିଡ୍ ରେସପନ୍ସ ଟିମ୍

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ବନ୍ୟା ସମୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି ସ୍ୱାସ୍ଥ୍ୟ ବିଭାଗ। ଏଥିପାଇଁ ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ ତଥା ପୌର ପ୍ରଶାସନକୁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସମ୍ଭାବ୍ୟ ପରିସ୍ଥିତି ପାଇଁ ରାଜ୍ୟସ୍ତରରେ ଷ୍ଟେଟ୍ ରାପିଡ୍ ରେସପନ୍ସ ଟିମ୍ ପ୍ରସ୍ତୁତ ରହିବା ସହ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ। ପାଣିପାଗ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରିବେ ଏସ୍ଆରସି ଓ ଓସଡମା। ଜିଲ୍ଲା ଓ ସବ୍ ଡିଭିଜନ୍ ସ୍ତରରେ ପ୍ରସ୍ତୁତି କରାଯାଇ ଆବଶ୍ୟକ ସାମଗ୍ରୀ ଯୋଗାଣ ହେବ ଓ ଆବଶ୍ୟକ ହେଲେ ଅତିରିକ୍ତ ମାନବ ସମ୍ବଳ ନିଯୁକ୍ତ ହେବେ। ଜିଲ୍ଲାସ୍ତରରେ ବନ୍ୟା ଓ ବାତ୍ୟା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ । ଜରୁରୀକାଳୀନ ବିଭାଗ ସହ ଜିଲ୍ଲା ପ୍ରଶାସନ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବ ଓ ଜିଲ୍ଲାର ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକ ୨୪ ଘଂଟିଆ ଜଳ ଓ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରାଯିବ ଓ ଅନ୍ୟ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବା ଜରୁରୀ ଓ ବନ୍ୟାଂଚଳରୁ ରୋଗୀଙ୍କୁ ଉଦ୍ଧାର କରିବା ପାଇଁ ମେଡିକାଲ ଟିମ୍ ମୁତୟନ ହେବେ।

# ମେଡିକାଲ କଲେଜରେ 'ସ୍ୱୟଂଚାଳିତ ବ୍ଲଡ୍ କଲଚର' ବ୍ୟବସ୍ଥା

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ରାଜ୍ୟର ସରକାରୀ ହସ୍ପିଟାଲରେ ଆଉ ପୁରୁଣା ପଦ୍ଧତିରେ ବ୍ଲଡ୍ କଲଚର କରାଯିବନି। ସ୍ୱୟଂଚାଳିତ ପଦ୍ଧତିରେ ରୋଗୀଙ୍କ ରକ୍ତ ସଂକ୍ରମଣର ତଥ୍ୟ ମିଳିବ। ଫଳରେ ରୋଗୀଙ୍କୁ ନିଜର ରିପୋର୍ଟ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବନି। ରାଜ୍ୟ ସରକାର ମେଡିକାଲ କଲେଜଗୁଡ଼ିକରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉପରେ ବିଚାର କରୁଛନ୍ତି। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ଲାଗି ରାଜ୍ୟ ଔଷଧ ନିଗମକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପଦ୍ଧତିରେ ଜଣେ ରୋଗୀଙ୍କ ରକ୍ତ ସଂଗ୍ରହ କରାଯାଇ ନମୁନାକୁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ରଖାଯାଇଥାଏ। ପରେ ଏଥିରେ ଜୀବାଣୁ/ଭୂତାଣୁ କେଉଁ ବର୍ଗର ରହିଛନ୍ତି ତାହାର ତଥ୍ୟ ଅନୁଧ୍ୟାନ କରାଯାଇଥାଏ। ଏହି ମାନୁଆଲ ପଦ୍ଧତି ପାଇଁ କିଛି ସମୟ ଲାଗିଥାଏ। ମାତ୍ର ସ୍ୱୟଂଚାଳିତ ବ୍ଲଡ୍ କଲଚର ବ୍ୟବସ୍ଥା ଦ୍ୱାରା ତୁରନ୍ତ ବ୍ଲଡ୍ କଲଚର ରିପୋର୍ଟ ମିଳିପାରୁଥିବା ନେଇ ଏକ ଘରୋଇ କମ୍ପାନି ରାଜ୍ୟ ସରକାରଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଛି। ବିଶେଷକରି ଯେଉଁ ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଥାନ୍ତି ସେମାନଙ୍କର ବ୍ଲଡ୍ କଲଚର ରିପୋର୍ଟର ଆବଶ୍ୟକତା ପଡ଼ିଥାଏ। ସେମାନଙ୍କ କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ହୋଇପାରିବ। ଏହି ବ୍ଲଡ୍ କଲଚର ମେସିନ୍-୪୦ ଜରିଆରେ ମାସକୁ ୩ଶହ ରୋଗୀଙ୍କୁ ବ୍ଲଡ୍ କଲଚର ସମ୍ଭବ ହୋଇପାରିବ। ଏହାର କ୍ଷମତା ବୃଦ୍ଧି କରାଯାଇ ଅଧିକ ସଂଖ୍ୟକ ରୋଗୀଙ୍କ ବ୍ଲଡ୍ କଲଚର କରାଯାଇପାରିବ। ଏହି ବ୍ୟବସ୍ଥାରେ ଗୋଟିଏ କମ୍ପ୍ୟୁଟର, ଟଚ୍ ସ୍କ୍ରିନ୍ ମନିଟର, ଲେଜର ଡେସ୍କ ଜେଟ୍ ପ୍ରିଣ୍ଟର ଓ ବାରକୋଡ୍ ରିଡର ରହିବ। ନିକଟରେ ପଶ୍ଚିମବଙ୍ଗ ସରକାର ୧୪ଟି, ରାଜସ୍ଥାନରେ ୩୪ ଓ ମଧ୍ୟପ୍ରଦେଶ ସରକାର ୯ଟି ସାଇଟ୍‌ରେ ଏହି ମେସିନ୍ ଜରିଆରେ ଏହି ମେସିନ୍ ଜରିଆରେ ବ୍ଲଡ୍ କଲଚର ଆରମ୍ଭ କରିବାକୁ ଯାଉଛନ୍ତି। ଏହି ବ୍ୟବସ୍ଥା ଫଳରେ ପୁରୁଣା ପଦ୍ଧତିରେ ଯେତିକି ଅର୍ଥ ଖର୍ଚ୍ଚ ହେଉଛି ତା'ଠାରୁ କମ୍ ଖର୍ଚ୍ଚରେ ବ୍ଲଡ୍ କଲଚର ହୋଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ମାତ୍ର ଏଠି ପ୍ରଶ୍ନ ଉଠୁଛି ସ୍ୱୟଂଚାଳିତ ବ୍ଲଡ୍ କଲଚର ବ୍ୟବସ୍ଥା କେତେ ଭରସାଯୋଗ୍ୟ। ଏଥିପାଇଁ ରାଜ୍ୟ ସରକାର ବିଶେଷଜ୍ଞ କମିଟି ଗଠନ କରି ଏହି ବ୍ୟବସ୍ଥା ସଂପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି କି ? କମ୍ପାନି ଯେଉଁ ଦାବି କରିଛି ସେହି ଅନୁଯାୟୀ ହସ୍ପିଟାଲରେ ଏହାକୁ କାର୍ଯ୍ୟକାରୀ କରାଗଲେ ତାହା କେତେ ଫଳପ୍ରଦ ହେବ ତାହାକୁ କିଏ ସୁନିଶ୍ଚିତ କରିବ ବୋଲି ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେଉଛି।

# ୧୯ ଜିଲ୍ଲା ଛାଡ଼ିଲା ମୌସୁମୀ, ଆସନ୍ତା ୨ ଦିନରେ ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ଅପସରି ଯିବ

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ୫ ଦିନ ବିଳମ୍ବରେ ଆଜି ଓଡ଼ିଶାରୁ ମୌସୁମୀ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ଅଧିକାଂଶ ସ୍ଥାନରୁ ଗୁରୁବାର ଦିନ ମୌସୁମୀ ଫେରିଯାଇଛି। ଉତ୍ତର ଓଡ଼ିଶାର ସମସ୍ତ ଜିଲ୍ଲା ଓ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ଫେରିଥିବା ପାଣିପାଗ ବିଭାଗ ଅଧିକାରୀମାନେ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ନୟାଗଡ଼ ଆଦି ୧୯ ଜିଲ୍ଲାରୁ ଆଜି ଦକ୍ଷିଣ-ପଶ୍ଚିମ ମୌସୁମୀ ସମ୍ପୂର୍ଣ୍ଣ ଭାବେ ଅପସାରିତ ହୋଇଯାଇଥିବା ବେଳେ ଖୋର୍ଦ୍ଧା, ପୁରୀ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ଆଦି ୬ ଜିଲ୍ଲାର କିଛି ଅଂଶରୁ ଫେରିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅବଶିଷ୍ଟ ଅଂଶରୁ ମୌସୁମୀ ଫେରିଯିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ମୌସୁମୀ ଅପସାରଣ ଲାଇନ୍ ପୁରୀ, କଙ୍କେର, ବୁଲ୍‌ଦାନା ଓ ଡାହାନୁ ଦେଇ ଗତି କରୁଛି।

ଆଇଏମ୍‌ଡି କହିଛି, ଆଜି ଓଡ଼ିଶାର ଅଧିକାଂଶ ଜିଲ୍ଲା ସମେତ ବିଦର୍ଭ, ଛତିଶଗଡ଼ର କିଛି ଅଞ୍ଚଳ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ତ୍ରିପୁରାର ଅବଶିଷ୍ଟ ଅଂଶରୁ ମୌସୁମୀ ଫେରିଯାଇଥିବା ବେଳେ ମିଜୋରାମ, ମଣିପୁର, ନାଗାଲାଣ୍ଡ, ଅରୁଣାଞ୍ଚଳ ପ୍ରଦେଶରୁ ସମ୍ପୂର୍ଣ୍ଣ ଭାବେ ଅପସାରିତ ହୋଇଯାଇଛି। ଖାଲି ସେତିକି ନୁହେଁ, ଉତ୍ତର ବଙ୍ଗୋପସାଗରର ଅଧିକାଂଶ ସ୍ଥାନରୁ ଆଜି ମୌସୁମୀ ବିଦାୟ ନେଇସାରିଛି। ଆସନ୍ତା ୨ ଦିନରେ ଓଡ଼ିଶା, ଛତିଶଗଡ଼ ଓ ଉତ୍ତର ବଙ୍ଗୋପସାଗରରୁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ଅପସରି ଯିବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି।



# ଏମ୍ସ ଭୁବନେଶ୍ୱରରେ ବିଶ୍ୱ ଓଷ୍ଟିଓପୋରୋସିସ୍ ଦିବସ ପାଳିତ

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ୫୦ ବର୍ଷ ବୟସ ପରେ ଓଷ୍ଟିଓପୋରୋସିସ୍(ହାଡ଼ପୋରିଆ, ପୋଲା ହାଡ଼) ଏକ ସାଧାରଣ ସମସ୍ୟା ଅଟେ। ଇଷ୍ଟ୍ରୋଜେନ୍ ହରମୋନ୍ ଅଭାବ କାରଣରୁ ଏହା ସାଧାରଣତ ମାସିକ ଋତୁସ୍ରାବ ବନ୍ଦ ହୋଇଯାଇଥିବା (ପୋଷ୍ଟ ମେନୋପାଜାଲ୍) ମହିଳା ମାନଙ୍କଠାରେ ଦେଖାଯାଏ। ୫୦ ବର୍ଷ ପରେ ଓଷ୍ଟିଓପୋରୋସିସ୍ ହେତୁ ପ୍ରାୟ ୩୦ ପ୍ରତିଶତ ରୋଗୀ ଆକ୍ରାନ୍ତ ହୁଅନ୍ତି। ବହୁଳ ଷ୍ଟେରଏଡ୍ ବ୍ୟବହାର କାରଣରୁ କୋଭିଡ୍ ପରବର୍ତ୍ତୀ ସମୟରେ ଓଷ୍ଟିଓପୋରୋସିସ୍ ଘଟଣା ବୃଦ୍ଧି ପାଇଛି ବୋଲି ଆଜି ଏମ୍ସ ଭୁବନେଶ୍ୱରରେ "ବିଶ୍ୱ ଓଷ୍ଟିଓପୋରୋସିସ୍ ଦିବସ" ପାଳନ ଅବସରରେ ବିଶେଷଜ୍ଞ ମାନେ ମତବ୍ୟକ୍ତ କରିଛନ୍ତି।

ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏମ୍ସ ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ଆଜି ଓପିଡି ପରିସରରେ ଏକ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମେଡିକାଲ୍ ଅଧୀକ୍ଷକ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଏବଂ ଡିନ୍ ପ୍ରଫେସର ପ୍ରଶାନ୍ତ ରାଘବ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟିଓପୋରୋସିସରେ ଆକ୍ରାନ୍ତ ରୋଗୀଙ୍କ ଅସ୍ଥି ଦୁର୍ବଳ ହୋଇଯାଇଥାଏ। ଯାହାକି ସାଧାରଣତଃ ଡେକ୍ସା ସ୍କାନ୍ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥାଏ ଯାହା। ଏହି ପ୍ରଣାଳୀ ଦ୍ୱାରା ହାଡ଼ର ମିନେରାଲ୍ ସାନ୍ଦ୍ରତାକୁ ମାପ କରାଯାଇଥାଏ। ମାସିକ ଋତୁସ୍ରାବ ବନ୍ଦହୋଇଯାଇଥିବା ସମସ୍ତ ମହିଳା ଏବଂ ବୟସ୍କ ପୁରୁଷମାନେ ବର୍ଷକୁ ଅନ୍ତତଃପକ୍ଷେ ଥରେ ଡେକ୍ସା ସ୍କାନ୍ ଦ୍ୱାରା ଅସ୍ଥିର ସାନ୍ଦ୍ରତାକୁ ଆକଳନ କରିବା ଉଚିତ୍ ବୋଲି ଅଧୀକ୍ଷକ ଡ. ମହାନ୍ତି ପ୍ରକାଶ କରିଛନ୍ତି।

ଓଷ୍ଟିଓପୋରୋସିସ୍ କାରଣରୁ ପିଠି, ଆଣ୍ଠୁ ଯନ୍ତ୍ରଣା ହୋଇଥାଏ ଏବଂ ଅଳ୍ପ ଆଘାତ ଦ୍ୱାରା ମଧ ହାଡ଼ ଭାଙ୍ଗିଯାଇଥାଏ। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ନିୟମିତ ବ୍ୟାୟାମ, ଉପଯୁକ୍ତ ଖାଦ୍ୟ ଏବଂ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଉଚିତ୍। ବୃଦ୍ଧ ରୋଗୀଙ୍କୁ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଦାନ କରାଯିବା ସହିତ ଓଷ୍ଟିଓପୋରୋସିସ୍ ଚିହ୍ନଟ ହୁଏ ତେବେ ସେମାନଙ୍କୁ କରାଯିବା ଉଚିତ ବୋଲି ଡ. ମହାପାତ୍ର ସୂଚନା ଦେଇଛନ୍ତି।

ଅର୍ଥୋପେଡିକ୍ସ ବିଭାଗର ଅତିରିକ୍ତ ପ୍ରଫେସର ଡ. ସୁଜିତ କୁମାର ତ୍ରିପାଠୀ ଏହି ନିରବ ମହାମାରୀ ବିଷୟରେ ଜନସଚେତନାର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଡ. ତ୍ରିପାଠୀଙ୍କ ମତରେ ୫୦ ବର୍ଷ ବୟସ ପରେ ମହିଳାମାନେ ଓଷ୍ଟିଓପୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ଏବଂ ଏହି ମହିଳାମାନେ ନିୟମିତ ଅସ୍ଥି ମିନେରାଲ୍ ସାନ୍ଦ୍ରତା (ବିଏମ୍‌ଡି) ଯାଂଚ କରିବା ଉଚିତ୍। ସହକାରୀ ପ୍ରଫେସର୍ ଡ. ଗୁଞ୍ଜର ଜୈନ, ଡ. ଗୁରୁଦୀପ ଦାସ, ଡ. ସାୟନ୍ତନ୍ ରାୟ (ଏଣ୍ଡୋକ୍ରାଇନୋଲୋଜି), ସିନିୟର ରେସିଡେଂଟ୍ ଡ. ହୃଦେଶ୍ୱର ବେହେରା, ଡାଏଟିସିଆନ୍ ଡ. ସୌମ୍ୟା ସୁଚରିତା ପୃଷ୍ଟି ପ୍ରମୁଖ ଏହି ରୋଗର ପ୍ରକାରଭେଦ, ନିରାକରଣ, ଜୀବନଶୈଳୀରେ ପରିବର୍ତ୍ତନ, ସୁଷମ ଖାଦ୍ୟ ଗ୍ରହଣ ଆଦି ସମ୍ପର୍କରେ ଉପାଦେୟ ମତ ରଖିଥିଲେ।

ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଲୋକଙ୍କର ମାଗଣା ଅସ୍ଥି ମିନେରାଲ୍ ସାନ୍ଦ୍ରତା ଯାଂଚ କରାଯାଇଥିଲା। ସେଥିମଧ୍ୟରୁ ୭୮ ରୋଗୀଙ୍କ ହାଡର ମିନେରାଲ୍ ସାନ୍ଦ୍ରତା ହ୍ରାସ ପାଇଥିବା ଜଣାପଡ଼ିବା ପରେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଛି।

# ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ବାରମ୍ବାର ଦାବି ସତ୍ତ୍ୱେ ସରକାର ପ୍ରାଥମିକ ଶିକ୍ଷକମାନଙ୍କ ଦାବିକୁ ଅଣଦେଖା କରି ଚାଲିଛନ୍ତି।ତେଣୁ ତୁରନ୍ତ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଠିକା ନିଯୁକ୍ତି ଉଚ୍ଛେଦ କରି ସେମାନଙ୍କର ୬ ବର୍ଷର କାର୍ଯ୍ୟକାଳକୁ ଇନକ୍ରିମେଂଟ ଦେଇ ମୂଳ ଚାକିରୀରେ ଗଣନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ନ୍ୟାୟୋଚିତ ଦାବିକୁ ସରକାର କାର୍ଯ୍ୟକାରୀ ନ କରନ୍ତି, ତେବେ ସଂଘ ବାଧ ହୋଇ ରାଜ୍ୟରେ କାର୍ଯ୍ୟରତ ୭୦ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଓ ସମସ୍ତ ଶିକ୍ଷକ ସଂଗଠନକୁ ଏକତ୍ର କରି ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବ ଓ ଶିକ୍ଷା କ୍ଷେତ୍ରରେ ଉପୁଜିବା ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଗୁରୁବାର ଦିନ ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ କୁମାର ପୋଥାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କୁଶଭଦ୍ରା ହାଇଲେଭଲ ସେତୁ ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଗୁରୁବାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିପାଟଣା ବ୍ଲକର ବାଲିପାଟଣା ଓ ବନମାଳିପୁର ଅଂଚଳ ଯାଇ କୁଶଭଦ୍ରା ନଦୀରେ ନିର୍ମିତ ହାଇଲେଭଲ ସେତୁ ପରିଦର୍ଶନ କରିଥିଲେ । ଶିଶୁ ଅନନ୍ତ ପୀଠ ଠାରୁ ଜୟଦେବ ପୀଠ ସହିତ ସଂଯୋଗ କରୁଥିବା ଏହି ହାଇଲେଭଲ ସେତୁ ୩୭ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହି ସେତୁ ନିର୍ମାଣ ସରିଥିବା ବେଳେ ଏହାର ସଂଯୋଗୀକରଣ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଏହି ସେତୁ ଫଳରେ ସ୍ଥାନୀୟଗାରେଡିପାଂଚଣ, ଅଠାନ୍ତର,ପମ୍ପାଲୋ, ଜୟଦେବ, ପ୍ରତାପରୁଦ୍ରପୁର ଆଦି ୪ଟି ଗ୍ରାମ ପଂଚାୟତର ପ୍ରାୟ ୧୮୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେଉଛନ୍ତି । ସେହିପରି ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ, ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୬ କୋଟି ୧ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତିକରଣ କରାଯାଉଥିବା ଚଣାହାଟ-ରାଜସ ରାସ୍ତା ଏବଂ ୫ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ବନମାଳିପୁର-ବଳଙ୍ଗା ରାସ୍ତା ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଛନ୍ତି ।

ଏହି ଗସ୍ତ ସମୟରେ ପୂର୍ତ୍ତ ସଚିବ ପ୍ରଦୀପ କୁମାର ସାମଲ, ମୁଖ୍ୟ ଯନ୍ତ୍ରୀ, ସେତୁ ଓ ବିଲ୍ଡିଂ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ଯନ୍ତ୍ରୀ-ଯୋଜନା ଓ ରାସ୍ତା ନିର୍ମାଣ ସଂଜୀବ କୁମାର ମହାନ୍ତି, ମୁଖ୍ୟ ନିର୍ମାଣ ଯନ୍ତ୍ରୀ –କେନ୍ଦ୍ରୀୟ ଗ୍ରାମ୍ୟ ନିର୍ମାଣ ସର୍କଲ ସତ୍ୟବ୍ରତ ବେହେରା ଓ ଅଧିକ୍ଷଣ ଯନ୍ତ୍ରୀ(ପୂର୍ତ୍ତ) ଅଶୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅନୁଧ୍ୟାନ ସମୟରେ ପ୍ରମୁଖ ଶାସନ ଶ୍ରୀ ସିଂ ବିଭାଗର ଯନ୍ତ୍ରୀମାନଙ୍କ ସହିତ ନିର୍ମାଣ କାର୍ଯ୍ୟରେ ଗୁଣବତ୍ତା ବଜାୟ ରଖିବା, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା, ଆବଶ୍ୟକ ସ୍ଥାନରେ ଗାର୍ଡୱାଲ ନିର୍ମାଣଆଦି ସଂପର୍କରେ ଆବଶ୍ୟକନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ସିଂ ବାଲିପାଟଣାର ପ୍ରସିଦ୍ଧ ଶିଶୁ ଅନନ୍ତ ପୀଠ ପରିଦର୍ଶନ କରିଥିଲେ । ସେଠାରେ ଶିଶୁ ଅନନ୍ତ ପୀଠର ମହିମା ସଂପର୍କରେ ପୀଠର ସଂପାଦିକା ତନୟା ଦାସ ଗୋସ୍ୱାମୀଙ୍କ ଠାରୁ ବିଶେଷ ଭାବେ ଅବଗତ ହୋଇଥିଲେ । ଏହି ଅବସରରେ ସଂପାଦିକା ତନୟା ଦାସ ଗୋସ୍ୱାମୀ ପ୍ରମୁଖ ଶାସନ ସଚିବଙ୍କ ସହିତ ପୀଠର ଉନ୍ନତିକରଣ ସଂପର୍କରେ ଅନୁରୋଧ କରିଥିଲେ ।

# ଉପକୂଳ ରାଜପଥ ନକ୍ସା ପରିବର୍ତ୍ତନ ବିବାଦ : ଶାସକ-ବିରୋଧୀ ଏକାଠି

ଭୁବନେଶ୍ୱର ,୨୧/୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ କୋଷ୍ଟାଲ ହାଇୱେ (ଉପକୂଳ ରାଜପଥ)ର ପ୍ରସ୍ତାବିତ ନକ୍ସାକୁ ନେଇ ବିବାଦ ତେଜିବାରେ ଲାଗିଛି। ଦୀର୍ଘ ଦିନ ଧରି 'ଉପକୂଳ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ବିରୋଧ ଜାରି ରହିଛି। ଏବେ ଶାସକ ବିଜେଡି, ବିଜେପିର ନେତୃବୃନ୍ଦ ସାମିଲ ହୋଇ ଏହାକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଗତ କିଛି ଦିନ ତଳେ ହୋଇଥିବା ବିଜେଡି ଲୋକସଂପର୍କ ପଦଯାତ୍ରା ସଭାରେ ଶାସକ ଦଳର ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସ ଓ ସାଂସଦ ରାଜଶ୍ରୀ ମଲ୍ଲିକ ଖୋଲାଖୋଲି ଭାବେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ)ର ଏହି ମନମୁଖୀ କାରବାର ବିରୋଧରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଶାସକ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଉପକୂଳ ଦେଇ ରାଜପଥ ଯିବା ଉଚିତ ବୋଲି କହିଛନ୍ତି। ସେହିପରି ବିଜେପିର ୫ଜଣିଆ ରାଜ୍ୟ ପ୍ରତିନିଧିଦଳ ଜିଲ୍ଲାରେ ଗ୍ରାଉଣ୍ଡ ଜିରୋ ସ୍ଥିତି ପରଖି ନକ୍ସାରେ ତ୍ରୁଟି ରହିଛି ବୋଲି ଅଭିଯୋଗ କରିଛନ୍ତି। ଫଳରେ ଏହା ଏନ୍ଏଚ୍ଏଆଇ ପାଇଁ ନୂଆ ଅଡୁଆ ସୃଷ୍ଟି କରିଛି।

କମିଟି ଅଭିଯୋଗ କରିଛି ଯେ ନକ୍ସା ତିଆରିରେ ରାଜପଥ କର୍ତ୍ତୃପକ୍ଷଙ୍କ ମନମୁଖୀ କାରବାର ସ୍ପଷ୍ଟ ବାରି ହେଉଛି। ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ଚିଲିକା, ବାଲୁଖଣ୍ଡ ଅଭୟାରଣ୍ୟ ଏବଂ ଭିତରକନିକାରୁ ଦୂରରେ ଏହି ରାଜପଥ ଯିବା ପାଇଁ ପୂର୍ବରୁ ପ୍ରସ୍ତାବ ରହିଥିଲା। ଜଗତ୍ ?ସିଂହପୁର ଜିଲ୍ଲା କ୍ଷେତ୍ରରେ ସେଭଳି କୌଣସି ସମସ୍ୟା ନଥିଲା। ତିନିଟି ନକ୍ସା ଭିତରୁ ଦ୍ୱିତୀୟ ନକ୍ସା ଉପକୂଳ ରାଜପଥ ପାଇଁ ଅନୁକୂଳ ରହିଥିଲା। ଉକ୍ତ ନକ୍ସା ଅନୁଯାୟୀ, ରାଜପଥଟି ପୁରୀର ଅସ୍ତରଙ୍ଗ-ନଗର ନିକଟ ଦେଇ ଜଗତ୍‌ସିଂହପୁର ଜିଲ୍ଲାର ମାଙ୍କଡ଼ଖିଆ ନିକଟକୁ ବାହାରୁଥିଲା। ସେଠାରୁ ବାରବାଟିଆ-ଫୁଲବେଲାରୀ-କୁସୁପୁର-ତେନ୍ତୁଳିବେଲାରୀ-ଶିଆଳି ନିକଟ ଦେଇ ପାରାଦୀପ ଯାଉଥିଲା। ମାଙ୍କଡ଼ଖିଆ ନିକଟରୁ ସମୁଦ୍ର ପ୍ରାୟ ୫ କିମି। କିନ୍ତୁ ବର୍ତ୍ତମାନ ଯେଉଁ ନକ୍ସା ଚୂଡ଼ାନ୍ତ କରାଯାଇଛି, ସେଥିରେ ଜଗତସିଂହପୁର ଜିଲ୍ଲାରେ ରାଜପଥର ରୂପରେଖରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଜିଲ୍ଲାରେ ଏହା ଉପକୂଳଠାରୁ ପ୍ରାୟ ୧୭ରୁ ୨୦ କିଲୋମିଟର ଦୂରରେ କରାଯାଉଛି। ଯାହା ଉପକୂଳ ରାଜପଥର ମୂଳ ଲକ୍ଷ୍ୟ ସାଧନ କରୁନାହିଁ ବୋଲି କମିଟି ଅଭିଯୋଗ କରିଛି। କମିଟି ଯୁକ୍ତି ବାଢ଼ିଛି ଯେ ପୁରୀର ବାଲୁଖଣ୍ଡ ଅଭୟାରଣ୍ୟ ଭଳି ପରିବେଶ ସମ୍ବେଦନଶୀଳ ଜାଗା ନିକଟରୁ ଯଦି ଏହା ୫ରୁ ୭କିମି ଦୂରରେ ଯାଇପାରୁଛି, ତେବେ ଜଗତସିଂହପୁରରେ କୌଣସି ପ୍ରତିବନ୍ଧକ ନଥାଇ କାହିଁକି ୨୦ କିମି ଦୂରରେ ନିଆଯାଉଛି। ନକ୍ସା-୨ ଅନୁସାରେ ହଳଦିଆ ଖୁଣ୍ଟ ପୋତା ଯାଇଥିଲେ ହେଁ କିଭଳି ଶେଷ ମୁହୂର୍ତ୍ତରେ ନକ୍ସାରେ ଏପରି ଆମୂଳଚୂଳ ପରିବର୍ତ୍ତନ କରି ଦିଆଗଲା ? ଏନ୍ଏଚ୍ଆଇର ଜଣେ ପୂର୍ବତନ ଅଧିକାରୀ ଧର୍ମାନନ୍ଦ ଷଡ଼ଙ୍ଗୀ କ୍ଷମତାକୁ ଅପବ୍ୟବହାର କରି ନିଜ ଘର ପାଖ ଦେଇ ଉପକୂଳ ରାଜପଥ ନେବା ପାଇଁ ଏଭଳି ଷଡ଼ଯନ୍ତ୍ର କରିଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ମନ୍ତ୍ରଣାଳୟକୁ ଚିଠି ମାଧ୍ୟମରେ ଜଣାଇଛି। ନକ୍ସା-୩ ଦେଇ ରାଜପଥ ନିଆଗଲେ, ବାଲିକୁଦା ଓ ଏରସମାର ଉପକୂଳରେ ଥିବା ପ୍ରାୟ ୨୦ଟି ପଞ୍ଚାୟତର ୨ ଲକ୍ଷ ଲୋକ ଗୁରୁତର ପ୍ରଭାବିତ ହେବେ। ତେଣୁ ନକ୍ସା-୨ ଅନୁସାରେ ଜାତୀୟ ରାଜପଥ ନେବାକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ରାଜପଥ ମନ୍ତ୍ରାଳୟ ସମେତ ଏହା ସହ ଜଡ଼ିତ ସମସ୍ତ ବିଭାଗ, ସରକାରୀ ଦପ୍ତର ଓ ଜନପ୍ରତିନିଧିଙ୍କୁ କମିଟି ଦାବିପତ୍ର ଦେଇଛି। ଅପରପକ୍ଷେ କମିଟିର ଏହି ଅଭିଯୋଗକୁ ଶ୍ରୀ ଷଡ଼ଙ୍ଗୀ ଖଣ୍ଡନ କରି ମୋର କୌଣସି ସଂପୃକ୍ତି ନାହିଁ ବୋଲି କହିଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୋସିଆଲ ସାଇଟ୍‌ରେ ଜଗତସିଂହପୁରରେ ନକ୍ସା ପରିବର୍ତ୍ତନ ନେଇ ଏକ ପୋଷ୍ଟ କରିଛି। ଦେବୀ ନଦୀ ଓ ମହାନଦୀ ?ରେ ବ୍ରିଜ୍ ନିର୍ମାଣକୁ ଏଡ଼ାଇବା ପାଇଁ ଜଗତସିଂହପୁର ଜିଲ୍ଲାରେ ଉପକୂଳ ରାଜପଥର ନକ୍ସା ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଛି ବୋଲି ସେଥିରେ କୁହାଯାଇଛି। କିନ୍ତୁ ରାଜପଥ କର୍ତ୍ତୃପକ୍ଷଙ୍କ ଏ ଯୁକ୍ତିକୁ କମିଟି ଅପ୍ରାସଙ୍ଗିକ ବୋଲି କହିଛି।

# କୃଷକଙ୍କ ଆୟବୃଦ୍ଧିକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି : ମନ୍ତ୍ରୀ

ଭୁବନେଶ୍ୱର ,୨୧/୧୦ (ନି.ପ୍ର): କୃଷକମାନଙ୍କ ଆୟବୃଦ୍ଧି ଏବଂ ଗ୍ରାମାଂଚଳର ନିମ୍ନ ଆୟକାରୀ ପରିବାର ଓ କୃଷି ଶ୍ରମିକମାନଙ୍କ ବିକାଶ ନିମନ୍ତେ ଓଡ଼ିଶା ସରକାର ଅନେକଗୁଡ଼ିଏ ଅଭିନବ ଓ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହିସବୁ କୃଷକ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ସରକାରୀ ବିଭାଗ, ଅଂଶୀଦାର ସଂସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧିର ଆବଶ୍ୟକତା ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର ଭୁବନେଶ୍ୱରଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ଖାଦ୍ୟନୀତି ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ପଲିସି ରାଉଣ୍ଡ ଟେବୁଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଓଡ଼ିଶାର ପ୍ରାୟ ସତୁରୀ ପ୍ରତିଶତ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହିତ ଜଡ଼ିତ ଥିବାରୁ କୃଷକମାନଙ୍କର ଆୟବୃଦ୍ଧି ଓ ବିକାଶ ନିମନ୍ତେ କୃଷି କ୍ଷେତ୍ରରେ ରୂପାନ୍ତରଣ ଆଣିବା ଆଜିର ଆବଶ୍ୟକତା। କୃଷିରେ ଉତ୍ପାଦନ ହାର ବୃଦ୍ଧି ଏବଂ ଚାଷକାର୍ଯ୍ୟର ଖର୍ଚ୍ଚ କମ କରାଯାଇ କୃଷକମାନଙ୍କ ଆୟବୃଦ୍ଧି କରାଯାଇପାରିବ। ରାଜ୍ୟ ସରକାର ବିହନ, ସାର, କୀଟନାଶକ, ଫସଲ ଋଣ ଯୋଗାଣରେ ବ୍ୟାପକ ରିହାତି ପ୍ରଦାନ କରୁଛନ୍ତି । କୃଷିଜାତ ଦ୍ରବ୍ୟ ଯେପରି ଉଚିତ ଦରରେ ବିକ୍ରି ହୋଇପାରିବ ସେଥି ନିମନ୍ତେ କୃଷି ବିପଣନରେ ଉନ୍ନତି ଆଣିଛନ୍ତି । ନିୟମିତ ଫସଲ ଋଣ ପରିଶୋଧ କରୁଥିବା ଚାଷୀମାନଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ବୈଠକରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା କହିଲେ ଯେ ଫସଲ ଅମଳ ପରବର୍ତ୍ତୀ ପରିଚାଳନା ସହିତ ଉତ୍ପାଦିତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିପାରିଲେ ଚାଷୀମାନଙ୍କ ଆୟରେ ବୃଦ୍ଧି ଆଣିହେବ । କ୍ଲଷ୍ଟର ପଦ୍ଧତିରେ କୃଷିକାର୍ଯ୍ୟ ସହିତ ଜଳବାୟୁ ସହନଶୀଳ କୃଷିକାର୍ଯ୍ୟ ଉପରେ ଶ୍ରୀ ଚୋପ୍ରା ଗୁରୁତ୍ୱାରୋପ କରିଥିଲେ ।

ଜଳସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଲେ କୃଷିରେ ରୂପାନ୍ତରଣ ଦିଗରେ ଜଳର ପ୍ରମୁଖ ଭୂମିକା ରହିଛି। ବର୍ଷାର ଅନିୟମିତତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁନ୍ଦା ଜଳର ସଦୁପଯୋଗ କରିବାକୁ ପଡ଼ିବ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ କୃଷକଙ୍କ ଆୟବୃଦ୍ଧି ନିମନ୍ତେ କୃଷି ଓ ଆନୁଷଙ୍ଗିକ ବିଭାଗ ସହିତ ସଂଯୋଜନର ଆବଶ୍ୟକତା ରହିଛି । ଓଡ଼ିଶା ମିଲେଟ୍ ମିଶନର ସଫଳତାକୁ ଆଧାର କରି ଅନ୍ୟ ମିଶନଗୁଡ଼ିକୁ କ୍ରିୟାଶୀଳ କରାଯାଇଛି । ଅନ୍ତରାଷ୍ଟ୍ରୀୟ ଖାଦ୍ୟନୀତି ଗବେଷଣା ସଂସ୍ଥା ଦକ୍ଷିଣ ଏସିଆର ନିର୍ଦ୍ଦେଶକ ଡ. ସାହିଦୁର ରସିଦ୍ ତାଙ୍କ ବକ୍ତବ୍ୟରେ କହିଲେ ଯେ ୧୯୬୦ ମସିହା ପରଠାରୁ ଭାରତରେ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ୨୦୦୦ ମସିହାରୁ ଓଡ଼ିଶାର କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ଭାରତ ବର୍ତ୍ତମାନ ଚାଉଳ ରପ୍ତାନୀକାରୀ ଦେଶ ହୋଇପାରିଛି । ଅଧିକ ପୁଞ୍ଜିନିବେଶ କରି କୃଷିକ୍ଷେତ୍ରରେ ରୂପାନ୍ତରଣ ଅଣାଯିବା ଉପରେ ଡ. ରସିଦ୍ ଗୁରୁତ୍ୱାରୋପ କରିଥିଲେ ।

ଉଦ୍‌ଘାଟନୀ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ସଂଜୀବ କୁମାର ଚଢ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଁ କଥା : ଗାଁରେ ଚାଷ...

(ପୃଷ୍ଠା ୪ର ଅବଶିଷ୍ଟ) ସେ ମଧ ଚାହୁଁଛି ଯେ ଜମିଜମାର ଭାଗ ଭାଗ କରିବା କାମ ଶେଷ ହୋଇଯାଉ। ଏଥିଲାଗି ବର୍ତ୍ତମାନ ସମୟରେ ବଡ଼ ଭାଇ ହିସାବରେ ଭାଇଭାଗ କରିବା ମୋର ଏକ ଦାୟୀତ୍ୱ। ଏଥର ସେହି କାମଟି ହାତକୁ ନେଇ ତିନି ଭାଇ ଏବଂ ବଡ଼ ଭାଇଙ୍କ ପୁଅ ସହିତ ଆଲୋଚନା କରି ଗୋଟିଏ ଭାଗବଣ୍ଟା କାଗଜ ପ୍ରସ୍ତୁତ କରାଯାଇଛି। ଏଥିରେ ଗାଁର ଘର ବାଡ଼ି ତଥା ଭୂ-ସଂପତ୍ତିର ମୁଖ୍ୟ ଭାଗ ଗାଁରେ ରହୁଥିବା ସାନ ଭାଇକୁ ଦିଆଯିବ ଏବଂ ଅନ୍ୟ ତିନି ଭାଇ ଗାଁରେ ନିଜର ପରିଚୟ ବଜାୟ ରଖିବାକୁ କିଛି କିଛି ଜମି ପାଇବେ। ଅବଶ୍ୟ ସବୁ ତକ ଜମି ଆଗରୁ ଯେପରି ସାନ ଭାଇ ବୁଝୁଥିଲା ସେହିପରି ବୁଝିବ। ଏହି ଭାଇଭାଗ କାଗଜଟି ତହସିଲ ଅଫିସରେ ମଞ୍ଜୁର ହେଲେ ଜମି ବଣ୍ଟା କାମ ସଂପୂର୍ଣ୍ଣ ହେବ।

କଥା ପ୍ରସଙ୍ଗରେ ସାନ ଭାଇକୁ ପଚାରୁଥିଲି ଗାଁରେ ଆଜି କାଲି ଚାଷ ଜମିର ଦାମ୍ କେତେ। ଜାଣିବାକୁ ମିଳିଲା ଜମିର ଗୁଣ୍ଠ (୪ଡ଼ିସିମିଲ) ସର୍ବନିମ୍ନ ମୂଲ୍ୟ ହେଉଛି ୨୦ହଜାର ଟଙ୍କା। ଆଉ ଭାଗଚାଷ କଲେ ଜମିରୁ ବାର୍ଷିକ ଆୟ ହେଉଛି ଗୁଣ୍ଠକୁ ଅତି ବେଶୀରେ ୧୦ଗୌଣୀ ଧାନ, ଅର୍ଥାତ୍ ଏକ ଏକରକୁ ୨୫୦ ଗୌଣୀ ଧାନ ଯାହା ୫କୁଇଣ୍ଟାଲ ସହ ସମାନ ଏବଂ ଏହାର ବଜାର ମୂଲ୍ୟ ପ୍ରାୟ ୧୦ହଜାର ଟଙ୍କା। ଯେଉଁ ଚାଷୀ ଧାନ ବ୍ୟତୀତ ଚଣା, ବିରି, ମୁଗ, ଆଦି ରବି ଫସଲ, ଶୋରିଷ, ରାଶି, ବାଦାମ ଆଦି ତୈଳବୀଜ ତଥା ଆଳୁ, ବାଇଗଣ ଆଦି ପନିପରିବା କରିବ ସେ ଅବଶ୍ୟ ଅଧିକ ରୋଜଗାର କରିପାରିବ।

ତଥାପି ଚାଷକ୍ଷେତ୍ର ଏବେ ସୁଦ୍ଧା ରୋଜଗାର ପାଇଁ ଅନାକର୍ଷଣୀୟ କ୍ଷେତ୍ର ହୋଇ ରହିଛି। ଘର ଚଳାଇବା ପାଇଁ ଚାଷୀ ଘରର ଯୁବକ ପୁଅ ଚାଷରୁ ମୁହଁ ଫେରାଇ କଲିକତା, ହାଇଦ୍ରାବାଦ, ବାଙ୍ଗାଲୋର ଆଦି ସହରକୁ ଚାକିରୀ ଅନ୍ୱେଷଣରେ ଚାଲିଯାଇଛନ୍ତି। ଆଉ କେତେଜଣ ଗାଁ ପାଖ ସହରରେ ଅଟୋ ଚଳାଇ, ଛୋଟିଆ ଦୋକାନ କରି ରୋଜଗାର କରିବାକୁ ଶ୍ରେୟସ୍କର ମଣୁଛନ୍ତି। ଅବଶ୍ୟ ସରକାରଙ୍କ ପ୍ରଦତ୍ତ କୃଷକ ସ୧ାନନିଧି ରାଶି ଏବଂ ସମୟେ ସମୟେ ଚାଷ ଦ୍ରବ୍ୟର ଏମ୍.ଏସ୍.ପି ମୂଲ୍ୟ ବୃଦ୍ଧି ଫଳରେ ଚାଷୀ ମାନଙ୍କର ଜୀବନରେ ଆଶାର କିରଣ ଦେଖାଯାଉଛି। ଚାଷୀ କ୍ଷେତ୍ରରେ ନୂଆ ଆଇନ୍ ଲାଗୁକରି ଚାଷ ଜମିର ଚକବନ୍ଦୀ କରିବା, ଠିକା ଚାଷ କରିବା, ବଜାର ସୁବିଧା ବୃଦ୍ଧି କରିବା, କୋଠ ଚାଷ ବ୍ୟବସ୍ଥା ଲାଗୁ କରିବା ଆଦି ପରିକଳ୍ପନା ଯଥାଯୋଗ୍ୟ ପଦକ୍ଷେପ ଥିଲ। ଏବେ ସେସବୁ ଶୀତଳ ଭଣ୍ଡାରରେ ପଡ଼ିରହିଛି। ତଥାପି ଆଶା କରିବା ଯେ, ଦେଶର ଅର୍ଦ୍ଧାଧିକ ନାଗରିକ ଯେଉଁ ବୃତ୍ତିରେ ନିୟୋଜିତ ଅଛନ୍ତି, ସେହି ବୃତ୍ତି ଏବଂ ସେହି ବୃତ୍ତିଧାରୀ ଅର୍ଥାତ୍ କୃଷକମାନେ ଦିନେ ନା ଦିନେ ଛାତି ଫୁଲାଇ ଗର୍ବର ସହିତ କହିବେ ଆମେ ସ୍ୱାଧୀନ ଭାରତର ଜଣେ ଜଣେ ସ୍ୱାବଲ 1 ଓ ସକ୍ଷମ ନାଗରିକ।

୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

## ‘ଓୟୁଡବ୍ଲ୍ୟୁଜେ’ପକ୍ଷରୁ ବିଶେଷ ଆଲୋଚନାଚକ୍ର

ବାଲେଶ୍ୱର,୨୧/୧୦(ନି.ପ୍ର): ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ଶୁଭ ଦୀପାବଳି ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଏବଂ ‘ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି ଓ ଗତି’ ଶୀର୍ଷକ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭାଷା ସାହିତ୍ୟ ଓ ସଂସ୍କୃତି ଭଳି ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ବାଲେଶ୍ୱର ଜିଲା ବେଶ ଆଗରେ ରହିଛି ବୋଲି ସେ କହିଥିଲେ। ଏଇଠାରୁ ସାମ୍ବାଦିକତା ଆରମ୍ଭ କରି ବହୁ ସାମ୍ବାଦିକ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରି ଜିଲାକୁ ଗୌରବାନ୍ୱିତ କରିପାରିଛନ୍ତି। ତେବେ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଯେ କୌଣସି ଇସ୍ୟୁରେ ବାଲେଶ୍ୱରର ସାମ୍ବାଦିକମାନେ ତାଙ୍କ ଦୃଷ୍ଟି ଆକର୍ଷଣ କଲେ ପ୍ରତିଟି ସମୟରେ ସହଯୋଗ ନିମନ୍ତେ ପ୍ରସ୍ତୁତ ଅଛନ୍ତି ବୋଲି ଜିଲାପାଳ ଶ୍ରୀ ଶିନ୍ଦେ ପ୍ରତିଶ୍ରୁତି ଦେଇଥିଲେ। ‘ସମାଜ’ ବାଲେଶ୍ୱର ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲିକ ଏଥରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ସ୍ଥିତି ଓ ଗତି’ ଶୀର୍ଷକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତେବେ ସାମ୍ବାଦିକମାନେ ନିଜର ସ୍ଥିତି ତଥା ସୁରକ୍ଷାକୁ ଗୁରୁତ୍ୱ ଦେଇ ନୀତି ଅନୁସରଣ ପୂର୍ବକ ନିରପେକ୍ଷତା ଅବଲମ୍ବନ କରିବା ଉଚିତ ବୋଲି ସେ କହିଥିଲେ। ‘ଓୟୁଡବ୍ଲ୍ୟୁଜେ’ର ଜିଲା ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ଏଥିରେ ସଭାପତିତ୍ୱ କରିବା ସହିତ ସମ୍ପ୍ରତି ମୌଳିକ ଆଦର୍ଶରୁ ଦୂରେଇ ଯାଉଥିବା କିଛି ଗଣମାଧ୍ୟମ ଓ କାମଳ ସାମ୍ବାଦିକତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଅଭୟ ଦାସଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନରିଞ୍ଜନ ଦାସ, କର୍ମକର୍ତ୍ତା ସନ୍ଦୀପ୍ତ ଦାସ, ମିହିର ମହାପତ୍ର, ସମାଜସେବୀ ତଥା ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତି ପ୍ରମୁଖ ସାମ୍ବାଦିକତା ଓ ଗଣମାଧ୍ୟମର ସ୍ଥିତିକୁ ନେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ସମ୍ପରଣିକା ‘ଜାଗରଣ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂଘର ସମ୍ପାଦକ ରବିରଞ୍ଜନ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଲେଶ୍ୱରର ସାମ୍ବାଦିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମ ଓଡିଶାରେ ୫୦ କୋଟି ଟଙ୍କାର....

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଂଚଳିକ ବୈଷମ୍ୟ ଦୂର କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ପଶ୍ଚିମ ଓଡିଶାର ବିକାଶ ଉପରେ ଗୁରୁତ୍ୱ ଦେଇ କାମ କରୁଛନ୍ତି। ୨୦୦୦ ମସିହାରୁ ଏପର୍ଯ୍ୟନ୍ତ ପଶ୍ଚିମ ଓଡିଶା ବିକାଶ ପରିଷଦ ଜରିଆରେ ପ୍ରାୟ ୪୦ ହଜାର ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ଗତବର୍ଷ ପରିଷଦର ବାର୍ଷିକ ଗ୍ରାଂଟକୁ ୧୦୦ କୋଟିରୁ ୨୦୦ କୋଟିକୁ ବୃଦ୍ଧି କରାଯାଇଛି । ପଶ୍ଚିମ ଓଡିଶାର ବିକାଶ ପାଇଁ ଭିତିଭୂମି ସହିତ କୃଷି, ଜଳସେଚନ ଓ ଶିଳ୍ପ ଉପରେ ଆମେ ବିଶେଷ ଜୋର ଦେଉଛୁ । ତାସହିତ ପର୍ଯ୍ୟଟନ ଓ ହସ୍ତତନ୍ତ ଆଦିର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ହରିଶଙ୍କର, ନୃସିଂହନାଥ ଓ ମା ସମଲେଇ କ୍ଷେତ୍ରର ବିକାଶ ପାଇଁ ମଧ କାମ ଚାଲିଛି ବୋଲି ସେ କହିଥିଲେ। ବିଜୁ ଏକ୍‌ସପ୍ରେସ୍ ୱେର ପଶ୍ଚିମ ଓଡିଶା କରିଡର କାମ ଶୀଘ୍ର ଶେଷ ହେବ। ଏହାଦ୍ୱାରା ଏଠାରେ ଅର୍ଥନୈତିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଆଗାମୀ ମେକ୍-ଇନ୍-ଓଡିଶା କନ୍‌କ୍ଲେଭରେ ଶିଳ୍ପ ପାଇଁ ଏକ ସ୍ୱେଶାଲ ଇନିସିଏଟିଭ୍ ପ୍ୟାକେଜ୍ ର ଘୋଷଣା କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶା ବିକାଶ ପରିଷଦର ଏକ ସ୍ୱତନ୍ତ୍ର ଲୋଗୋ ଓ ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ ଉନ୍ମୋଚନ କରିଥିଲେ । ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ପଶ୍ଚିମ ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଉଦ୍ୟମର ଉଚ୍ଚପ୍ରଶଂସା କରିବା ସହିତ ରାଜ୍ୟର ବିଭିନ୍ନ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଂପର୍କରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ପ୍ରସ୍ତାବ ଉପରେ କ୍ୟାବିନେଟ୍ ....

ସେହିପରି ଜାନୁଆରୀ ୧, ୨୦୧୬ ଠାରୁ ରାଜ୍ୟର ଜୁଡିସିଆଲ ଅଫିସରମାନଙ୍କ ଦରମା ସଂଶୋଧନ କରିବାକୁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ଜଷ୍ଟିସ୍ ପି, ଭେଙ୍କଟରାମା ରେଡ୍ଡୀଙ୍କ ସୁପାରିଶ ଅନୁଯାୟୀ ଏବଂ ୨୭.୦୨.୨୦୨୨ରେ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ନିଷ୍ପତି ନିଆଯାଇଛି। ଓଡିଶା ପାଣିପଂଚାୟତ ଅଧିନିୟମ ୨୦୦୨ ର ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହା ବ୍ୟତୀତ ଓଡିଶା ପ୍ରଶାସନିକ ସେବା ଗ୍ରୁପ୍ ଏ (କନିଷ୍ଠ ବର୍ଗ) ରେ ୧୨୫ ଟି ଅତିରିକ୍ତ ପଦବୀ ସୃଷ୍ଟି କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହାଫଳରେ ଓଡିଶା ପ୍ରଶାସନିକ ସେବା ଗ୍ରୁପ୍ ଏ କ୍ୟାଡର ୧୧୮୮ରୁ ବୃଦ୍ଧି ପାଇ ୧୩୧୩ ହେବ। ପ୍ରତ୍ୟେକ ଜିଲ୍ଲାରେ ୨ ଜଣ ଲେଖାଏଁ ଡେପୁଟି କଲେକ୍ଟର ପଦବୀ ଭାବେ ମୋଟ ୬୦ଟି ପଦବୀ , ରାଜସ୍ୱ ପର୍ଷଦ ଅନୁଶାସନ ସଚିବ ୪ଟି , ପ୍ରତ୍ୟେକ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଗୋଟିଏ ଲେଖାଏଁ ଡେପୁଟି କଲେକ୍ଟର ପଦବୀ - ୫୮ଟି ଏବଂ ଭୁବନେଶ୍ୱର , ପାରାଦ୍ୱୀପ ଓ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟରେ ଜଣେ ଲେଖାଏଁ ୩ ଟି ଡେପୁଟି କଲେକ୍ଟର ପଦବୀ ସୃଷ୍ଟି ହେବ। ଗଂଜାମ ଜିଲ୍ଲାର କାଳିପଲ୍ଲୀ ମୌଜାରେ ଅବ୍ୟବହୃତ ହୋଇ ପଡିଥିବା ୨୦୬.୬୮୫ ଏକର ଜମିକୁ ଏହାର ମାଲିକମାନଙ୍କୁ ଫେରାଇବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି।

### ଓଡ଼ିଶା ଉପରେ ସିଧାସଳଖ....

ସମାନ୍ତରାଳ ଭାବେ ସମୁଦ୍ର ଭିତରେ ଗତି କରିବ ବୋଲି ପୂର୍ବାନୁମାନ କରାଯାଇଛି । ପବନର ବିଶେଷ ପ୍ରଭାବ ପଡ଼ିନପାରେ । ତେବେ ୨୩ ତାରିଖରୁ ବର୍ଷା ହୋଇପାରେ । ସେଥିପାଇଁ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ତେବେ ୨୪ ତାରିଖରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଦିଆଯାଇଛି । ଏବଂ କେନ୍ଦୁଝର, ମୟୂରଭଂଜ, ଯାଜପୁର, ଖୋର୍ଦ୍ଧା, ପୁରୀ, ଗଂଜାମ ଜିଲ୍ଲାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ । ସେହିପରି ୨୫ ତାରିଖ ପାଇଁ ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ । ସ୍ୱତନ୍ତ୍ର ରିଲିଫ୍ କମିସନର କହିଛନ୍ତି, ଓଡ଼ିଶାରେ ବିଶେଷ ପ୍ରଭାବ ପଡିବ ନାହିଁ । ତେଣୁ ଭୟଭୀତ ହୁଅନ୍ତୁ ନାହିଁ କି ଅଧିକ କିଣାକିଣି କରନ୍ତୁ ନାହିଁ । ତେବେ ଯେକୌଣସି ସ୍ଥିତି ପାଇଁ ପ୍ରସ୍ତୁତ ରହିଛନ୍ତି ରାଜ୍ୟ ସରକାର ।

### ବ୍ରିଟେନ ପ୍ରଧାନମନ୍ତ୍ରୀ ରେସରେ....

ରହିଛି । ଏହି ଦୌଡ଼ରେ ବେନ୍ ୱାଲେସ ଓ କେମି ବଡେନୋଚଙ୍କ ନାଁ ରହିଛି । ହେଲେ ଦୁହେଁ ବହୁ ପଛରେ ରହିଯାଇଛନ୍ତି । ବୋରିସ୍ ଜନସନ୍ ପ୍ରଧାନମନ୍ତ୍ରୀ ଥିବା ବେଳେ ରିଷି ଦେଶର ଆର୍ଥିକ ସ୍ଥିତିର ଦାୟିତ୍ୱ ସମ୍ଭାଳୁଥିଲେ । ହେଲେ ଜନସନଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ପ୍ରଥମେ ରିଷି ସନକ ଇସ୍ତଫା ଦେଇଥିଲେ । ଏହାପରେ ଜନସନଙ୍କ କ୍ୟାବିନେଟର ଅନ୍ୟ ନେତାମାନେ ବି ଇସ୍ତଫା ଦେଇଥିଲେ, ଆଉ ବାଧ ହୋଇ ଜନସନ ଇସ୍ତଫା ଦେଇଥିଲେ । ତେବେ ଏସବୁ ଭିତରେ ମାତ୍ର ୪୫ ଦିନରେ ଇସ୍ତଫା ଦେଇଥିବା ଲିଜ୍ ଟ୍ରସ୍ ବ୍ରିଟେନର ସବୁଠୁ କମ୍ ଥିବା ରହିଥିବା ପ୍ରଧାନମନ୍ତ୍ରୀ ପାଲଟିଛନ୍ତି ।

### ବିଜେପି ବିଜୟର ଆୟୁଧ ହେବ....

ଧାମନଗର ଅଂଚଳ ସହ ବିଜେପିର ବିଗତ ୪୦ ବର୍ଷ ଧରି ସମ୍ପର୍କ ଓ ସଂଗଠନ ମଜଭୂତ ଅଛି । ଅଢେଇ ହଜାର ଭୋଟରୁ ୯୦ ହଜାର ଭୋଟ ପର୍ଯ୍ୟନ୍ତ ଏ ଅଞ୍ଚଳର ଲୋକମାନେ ବିଜେପିକୁ ଆଶୀର୍ବାଦ ଦେଇଛନ୍ତି। ଏହି ଆଧାରରେ ଆମ ଦଳ ଜିଲ୍ଲାର ସ୍ୱାଭିମାନୀ ଲୋକଙ୍କ ପାଇଁ ନିର୍ବାଚନ ଲଢୁଛି । ଧାମନଗର ଅଂଚଳର ସ୍ୱାଭିମାନୀ ନାଗରିକମାନେ ଦଳର ପ୍ରାର୍ଥୀ ତଥା ଦିବଙ୍ଗତ ବିଷ୍ଣୁ ଭାଇଙ୍କ ସୁପୁତ୍ର ସୂର୍ଯ୍ୟବଂଶୀ ସୂରଜଙ୍କୁ ଆଶୀର୍ବାଦ ଦେଇ ଜୟଯୁକ୍ତ କରିବେ। ଶାସକ ଦଳର ଅର୍ଥବଳ ଓ କୁଟନୀତିକୁ ଏଠାକାର ଜନତା ଉଚିତ୍ ଜବାବ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟରେ ବିଶ୍ୱ ଧଳାବାଡ଼ି ଦିବସ

ବାଲେଶ୍ୱର,୨୧/୧୦(ନି.ପ୍ର): ରାଣୀପଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଓ ଉପଦେଷ୍ଟା ସୁବ୍ରତ କର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନେ ହାତରେ ଧଳାବାଡ଼ି ଧରି ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଧଳାବାଡ଼ି ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ନିର୍ଦ୍ଦେଶକ ଶ୍ରୀ ସ ସଭାପତିତ୍ୱ କରିବା ସହିତ ବିଶ୍ୱ ଧଳାବାଡି ଦିବସ ପାଳନତ ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ନବୀନ କୁମାର ବେହେରା, ସୁନୀଲ କୁମାର ବିଶ୍ୱାଳ, ଚନ୍ଦ୍ରଜିତ ନାୟକ, ଜଗତଜିତ କୁମାର ପତି, ଲକ୍ଷ୍ମୀଧର ପଣ୍ଡା, ପ୍ୟାରୀ ମୋହନ ଭୂୟାଁ, ଜିତେନ୍ଦ୍ର ଦାସ, ଦୀପକ ବେହେରା, ପବିତ୍ର ମୋହନ ପଣ୍ଡା, ଅଭିରାମ ସାବତ, ଗୌରାଙ୍ଗ ପାତ୍ର, ମନୋଜ କୁମାର ପଲାଇ, ଚିନ୍ମୟ ରଞ୍ଜନ ଜେନା, ଜଗବନ୍ଧୁ ବେହେରା, ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ବାସନ୍ତୀ ସିଂପ୍ରମୁଖ ଧଳାବାଡ଼ି ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସମ୍ମିଳିତ ଉଦ୍ୟମକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ସ୍ତରୀୟ କାର୍ମଶାଳା




ବାରିପଦା,୨୧/୧୦(ନି.ପ୍ର): ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ସରକାରୀ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ସମାନନ୍ୱୟ ବଢାଇବା ପାଇଁ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଡଃ ରୂପଭାନୁ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଏଡିଏମଓ ଫେମେଲି ୱେଲଫେୟାର ଡଃ ସୁନନ୍ଦା ମିଶ୍ର, ଡିପିଏଚଓ ଡଃ ଚାରୁବାଳା ରଥ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡଃ ଏମଡି ନୁରୁଲ ହସନ, ଜିଲ୍ଲା କୁଷ୍ଠରୋଗ ଅଧିକାରୀ ଡଃ ଶାନ୍ତନୁ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ମାଳା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନବକୀଶୋର ଗିରି, ଜିଲ୍ଲା କଲ୍ୟାଣ ଅଧିକାରୀ ସୁନାରାମ ସିଂ, ଆମେରିକା ଇଣ୍ଡିଆ ଫାଉଣ୍ଡେସନର ରାଜ ଶର୍ମା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ୨୬ ଟି ବ୍ଲକରୁ ବିଭିନ୍ନ ବିଭାଗର ୨୦୦ ରୁ ଉର୍ଦ୍ଧ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିବା ବେଳେ, ଏହି କାର୍ମଶାଳା ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ହୋଇଥିଲା । ଜିଲ୍ଲାରେ ସରକାରଙ୍କ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଅନୁସୂଚିତ ଜାତି ଓ ଉପଜାତିଙ୍କ ବିକାଶ ପାଇଁ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ସହଭାଗୀତା ବଢାଇବା ଓ କାର୍ଯ୍ୟକ୍ରମ କୁ ସୁଦୃଢ କରିବା ଉପରେ ସଭାରେ ଆଲୋକପାତ କରଯାଇଥିଲା । ବିଭିନ୍ନ ବିଭାଗରୁ ଆସିଥିବା ପ୍ରତିନିଧି ତଥା ଅଧିକାରୀ ମାନେ ନିଜନିଜ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ଅଗ୍ରଗତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ପ୍ରଭୁ ପ୍ରତ୍ୟନ୍ତ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଏଡିପିଏଚଓ ଯୋଗେନ୍ଦ୍ର ନାଥ ଦେହୁରି ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳବାଇ ସ୍ଥାନରୁ ଉଚ୍ଛେଦ ଲାଗି ନୋଟିସ୍ : ଜବରଦଖଲକାରୀ ମଧ୍ୟରେ ଛନକା

ଜଳେଶ୍ୱର, ୨୧/୧୦(ନି.ପ୍ର): ଜଳେଶ୍ୱର ସହରର ପଶ୍ଚିମବାର୍ଡ ରାସ୍ତାର ଓଟି ରୋଡଠାରୁ ରେଳବାଇ ଲେଭେଲ କ୍ରସିଂ ୪୬ ମଧ୍ୟରେ ଥିବା ରାସ୍ତାର ଉଭୟ ପଟେ ରେଳବାଇ ଜାଗାକୁ କେତେକେ ଜବର ଦଖଲ କରି ରହିଛନ୍ତି । ଜବରଦଖଲ ଯୋଗୁଁ ଜନସାଧାରଣଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ରେଳବାଇ ପକ୍ଷରୁ ପ୍ରାୟ ୨୦ଜଣଙ୍କ ନାମରେ ଉଚ୍ଛେଦ ନୋଟସ୍ ଜାରି ହୋଇଛି । ଏ ସମ୍ପର୍କରେ ଆଜି ବିଜେପି ପକ୍ଷରୁ ବିରୋଧ କରାଯାଇ ଷ୍ଟେସନ ମ୍ୟାନେଜରକଙ୍କୁ ଏକ ଲିଖିତ ଦାବିପତ୍ର ଦିଆଯାଇଛି । ୪୬ନଂ



ରେଳ ଫାଟକ ନିକଟରେ ଯାନ ଓ ଜନସାଧାରଣ ଯାତାୟାତ କରୁଥିବାରୁ ଆବଶ୍ୟକୀୟ ସ୍ଥାନ ଜବର ଦଖଲ କରାଯିବାକୁ ବିଜେପି ପକ୍ଷରୁ ନିବେଦନ କରାଯାଇଛି । ଉକ୍ତ ଦାବିପତ୍ରକୁ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ ଉଚ୍ଚ କର୍ମକର୍ତ୍ତାଙ୍କୁ ପଠାଥିବା କହିଛନ୍ତି । ଏହି ଆଲୋଚନା ବେଳେ ବିଜେପିର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଅରୁଣ ବେଜ, ସୁକୁମାର ରଣା, ଜ୍ୟୋତ୍ସ୍ନା ମହାନ୍ତି, ରଂଜନ ପାତ୍ର, ବିକାଶ ସାହୁ, ସଂଜିବ ପ୍ରଧାନ, ଅମୂଲ୍ୟ ସେନାପତି, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିସ ସହୀଦ ଦିବସ ପାଳିତ

ପୁରୀ,୨୧/୧୦(ନି.ପ୍ର): ରିଜର୍ଭ ପୋଲିସ ପଡ଼ିଆରେ ୬୩ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂହ ଯୋଗଦେଇ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ । ଶହୀଦଙ୍କ ବଳିଦାନ ପ୍ରେରଣାର ଉତ୍ସ ହୋଇ ରହିଛି । ଏହି ଉତ୍ସବରେ ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମିହିର ପଣ୍ଡା, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାସଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇଥିଲେ ।

## ମା’ଭଦ୍ରକାଳୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ଚୂଡ଼ାନ୍ତ

ଭଦ୍ରକ,୨୧/୧୦(ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ କାଳୀପୂଜା ଅବସରରେ ମା’ଙ୍କର ୭ଦିନରେ ସପ୍ତମାତୃକା ବେଶ ସହିତ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ମା’ଙ୍କର ପୂଜା ରୀତିନୀତି, ଯଜ୍ଞ ମଣ୍ଡପର ସାଜସଜ୍ଜା, ଆଲୋକ ସଜ୍ଜା, ତୋରଣ, ମାନସିକ କଳସ ଶୋଭାଯାତ୍ରା ନିମନ୍ତେ ସେବାୟତ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥି ନିମନ୍ତେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ସବିଶେଷ ରୂପରେଖ ଦିଆ ଯାଇଛି। ଶ୍ରଦ୍ଧାଳୁମାନେ କିପରି ମା’ଙ୍କ ବେଶ ଶୃଙ୍ଖଳାର ସହ ଦର୍ଶନ କରିବେ, ସେଥିଲାଗି ପ୍ରଶାନିକ ବ୍ୟବସ୍ଥାର ଆଲୋଚନା କରାଯାଇଛି। ମା’ଙ୍କ ବେଶ ରୂପେ ପ୍ରଥମ ଦିନ ବେଦମାତା ବେଶ, ଦ୍ୱିତୀୟ ଦିନ ମହାକାଳୀ ବେଶ, ତୃତୀୟ ଦିନ ରାଜରାଜେଶ୍ୱରୀ ବେଶ, ଚତୁର୍ଥ ଦିନ ସିଂହ ବାହିନୀ ବେଶ, ପଞ୍ଚମ ଦିନ ଜଗଦ୍ଧାତ୍ରୀ ବେଶ, ଷଷ୍ଠ ଦିନ ମହାସରସ୍ୱତୀ ବେଶ ଏବଂ ସପ୍ତମ ଦିନ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହେବ। ଚଳିତ ବର୍ଷ ଦ୍ୱିତୀୟ ଦିବସରେ ଗ୍ରହଣ ଲାଗି ହେଉଥିବା କାରଣରୁ ପହୁଡ଼ ବନ୍ଦ ରହି ସନ୍ଧ୍ୟା ପରେ ମା’ଙ୍କର ମହାସ୍ନାନ ପରେ ମହାକାଳୀ ବେଶ କରାଯିବା ସହି ରୀତିନୀତି ଅନୁଯାୟୀ ପୂଜା ଅନୁଷ୍ଠିତ ହେବ। ଅନ୍ୟଦିନମାନଙ୍କରେ ପୂର୍ବ ଭଳି ସକାଳ ପହୁଡ଼ ପରେ ବେଶ ଅନୁଷ୍ଠିତ ହେବ। ଏହି ବୈଠକରେ ସେବାୟତଙ୍କ ମଧ୍ୟରେ ଭାଗିରଥି ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ବିଜୟ ଦୀକ୍ଷିତ, ମଦନ ମୋହନ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ସୁବ୍ରତ ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ପ୍ରଦିପ ପଣ୍ଡା, ମନ୍ଦରଧର ଦୀକ୍ଷିତ, ନିତ୍ୟାନନ୍ଦ ଦୀକ୍ଷିତ, ଅରବିନ୍ଦ ଦୀକ୍ଷିତ, ଶେଖର ମହାପାତ୍ର, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇ ଆଷଲାଚନାରେ ଭାଗ ନେଇଥିବା ବେଳେ ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଥିଲା।

## ଭାଷା ଶିକ୍ଷକଙ୍କ ତାଲାବନ୍ଦ ଆନ୍ଦୋଳନ

ବାରିପଦା,୨୧/୧୦(ନି.ପ୍ର): ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ସାନ୍ତାଳି ଓ ମୁଣ୍ଡାରୀ ଭାଷା ଶିକ୍ଷକ ମାନଙ୍କୁ ନିୟମିତ କରିବା ଦାବୀରେ ଚାଲିଥିବା ଆନ୍ଦୋଳନ ଆଜି ନବମ ଦିନରେ ପହଂଚିଥିବା ବେଳେ, ପୂର୍ବ ଘୋଷଣା ମୁତାବକ ଆଜି ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ମାନେ । ସୂଚନା ମୁତାବକ ଆଦିବାସୀ ଅଧୁଷିତ ମୟୂରଭଂଜ ଜିଲ୍ଲାରେ ଜନଜାତି ପିଲାଙ୍କୁ ନିଜ ମାତୃଭାଷା ସାନ୍ତାଳି ଏବଂ ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରିବା ନିମନ୍ତେ ୨୦୦୭ ମସିହାରେ ରାଜ୍ୟ ସରକାର ୧୦୦ ଜଣ ସାନ୍ତାଳୀ ଏବଂ ୨୦ ଜଣ ମୁଣ୍ଡାରୀ ଭାଷା ଶିକ୍ଷକ ଚୁକ୍ତି ଭିତିକ ଭାବେ ନିଯୁକ୍ତ କରିଥିଲେ କ୍ଷ ଦୀର୍ଘ ୧୫ ବର୍ଷ ଭିତରେ ସେଥିରୁ କିଛି




ଶିକ୍ଷକ ମରିହଜି ଯାଇଥିବା ବେଳେ କିଛି ଅବସର ନେଇ ସାରିଲେଣି । ବର୍ତ୍ତମାନ ଜିଲ୍ଲାରେ ୮୫ଜଣ ସାନ୍ତାଳି ଏବଂ ୪ଜଣ ମୁଣ୍ଡାରୀ ଭାଷା ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ, ସେମାନଙ୍କୁ ସରକାର ଏ ପର୍ଯ୍ୟନ୍ତ ନିୟମିତ କରିନାହାନ୍ତି । ସେମାନେ ନିରନ୍ତର ଭାବରେ ଦୀର୍ଘ ୧୫ ବର୍ଷ ଧରି ନିଜ ମାତୃ ଭାଷାରେ ପିଲା ମାନଙ୍କୁ ପାଠ ପଢାଇବା ସହିତ ଅଧାର କାର୍ଡ, କୋଭିଡ କାମ, ନିର୍ବାଚନ ଆଦି ଅନ୍ୟାନ୍ୟ ଅତିରିକ୍ତ ସରକାରୀ ଦାୟିତ୍ୱ ସାଧାରଣ ଶିକ୍ଷକ ମାନଙ୍କ ଭଳି ତୁଲାଇ ଆସୁଥିଲେ ମଧ ଏମାନଙ୍କୁ ମାସିକ ମାତ୍ର ୩୨ଶହ ଟଙ୍କା ଦରମା ମିଳୁଛି । ଦୀର୍ଘ ବର୍ଷ ଧରି ଏମାନେ ନିୟମିତ କରାଯିବାର ଦାବୀ କରିଆସୁଥିଲେ ମଧ କେହି ଶୁଣୁ ନାହାନ୍ତି । ତେବେ କିଛି ଦିନ ପୂର୍ବରୁ ଓଡିଶା ସରକାର ତଥା ମୁଖ୍ୟମନ୍ତ୍ରୀ ରାଜ୍ୟରୁ ଚୁକ୍ତି ଭିତିକ ନିଯୁକ୍ତି ଉଚ୍ଛେଦ କଲେ ବୋଲି ଘୋଷଣା କରିଥିଲେ ମଧ ଏହି ଅଳ୍ପ ସଂଖ୍ୟକ ସାନ୍ତାଳୀ ଏବଂ ମୁଣ୍ଡାରୀ ଭାଷା ଶିକ୍ଷକ ମାନଙ୍କୁ ନିୟମିତ ନକରିବା କୁ ନେଇ ଆନ୍ଦୋଳନ ତୀବ୍ର ହେଉଥିବାର ଦେଖା ଯାଇଛି । ବିଭିନ୍ନ ସଂଗଠନ ପକ୍ଷରୁ ଏହି ଭାଷା ଶିକ୍ଷକ ମାନଙ୍କର ଆନ୍ଦୋଳନକୁ ସମର୍ଥନ ମିଳୁଥିବା ବେଳେ, ଆଜି ତାଲାବନ୍ଦ କରି ଆନ୍ଦୋଳନ କରିବା ପରେ ନବମ ଦିନରେ ଧାରଣା ସ୍ଥଳରେ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ଏବଂ ଜିଲ୍ଲା ଜନଜାତି ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ପହଂଚି ଶିକ୍ଷକ ମାନଙ୍କ ସହ ଆଲୋଚନା କରିଥିଲେ ମଧ ଆଲୋଚନା ବିଫଳ ହୋଇଥିବାର ସାନ୍ତାଳି ଓ ମୁଣ୍ଡା ଭାଷା ଶିକ୍ଷକ ସଂଘର ସଭାପତି ଗୁଲା ମୁର୍ମୁ, ଉପସଭାପତି ରମାକାନ୍ତ ମାରାଣ୍ଡି, ସମ୍ପାଦକ ମାର୍ଶାଲ ଟୁଡୁ, ସହ ସମ୍ପାଦକ ଜିତେନ୍ଦ୍ର ମହାନ୍ତ ପ୍ରମୁଖ କହିଛନ୍ତି । ଶିକ୍ଷକ ମାନଙ୍କର ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଜେଏମଏମ, ପେସା ଗ୍ରାମସଭା, ମାସା ଆର୍ମୀ, ମୟୂରଭଂଜ ମୁକ୍ତି ମୋର୍ଚ୍ଚା, ଭଂଜସେନା ଆଦିବାସୀ ସେଲ, ନିଖିଳ ଓଡିଶା ସାନ୍ତାଳି ଅବିଭାବକ କ୍ରିୟାନୁଷ୍ଠାନ କମିଟି, ଆସେକା ରାଇରଙ୍ଗପୁର, ଭାରତ ଜାକାତ ମାଝି ପାର୍ଗାନା ମହଲ, ଆଦିବାସୀ ଅଧିକାର ମଂଚ, ଭାରତ ମୁଣ୍ଡା ସମାଜ ପ୍ରମୁଖ ଅନୁଷ୍ଠାନ ସହ ବହୁ ସାନ୍ତାଳି ଗ୍ରାମ ମୁଖିଆ ମାନେ ଏବଂ ମୟୂରଭଂଜର ପୂର୍ବତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ବିଜେପି ଆଦିବାସୀ ସେଲର ଫାଗୁ ହାଁସଦା, ବଡପଥରା ସରପଂଚ ମଙ୍ଗଲ ଚରଣ ମୁର୍ମୁ ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ମଧ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ।

## ଇତିହାସ ପଠନଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୋଇ ଦୃଷ୍ଟି ଉଜ୍ଜ୍ୱଳ ହୁଏ : ଡକ୍ଟର ଲିପିକା ବେହେରା

ଉଦଳା,୨୧/୧୦(ନି.ପ୍ର): କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟ, ନୂଆସାହିର ଇତିହାସ ବିଭାଗର ‘ଇତିହାସର ଅର୍ଥ ଓ ଏହାର ପରିସର’ ଶୀର୍ଷକ ଆଲୋଚନା ଚକ୍ର ଅଧକ୍ଷା ତଥା ବିଭାଗର ମୁଖ୍ୟ ଡକ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ବିଭାଗ ପ୍ରକୋଷରେ ଅନୁଷ୍ଠିତ ହୋଇଯାଇଅଛି । ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । କପ୍ତିପଦା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପକ ଡକ୍ଟର ଧନଞ୍ଜୟ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇତିହାସର ପରିସର ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ



ଇତିହାସ ପଠନର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ । ସେ କହିଥିଲେ ଉପଦେଶ ଅପେକ୍ଷା ଦୃଷ୍ଟାନ୍ତ ଶିକ୍ଷା ଅଧିକ ଉପଯୋଗୀ । ଇତିହାସ ଦୃଷ୍ଟାନ୍ତ ସହ ସର୍ବଦା ଧର୍ମର ଜୟ ଓ ଅଧର୍ମର ପରାଜୟ ; ବଜ୍ର ଗମ୍ଭୀର ସ୍ୱରରେ କହି ଆସିଛି । ବିଭାଗୀୟ ମୁଖ୍ୟ ଡକ୍ଟର ବେହେରା ପ୍ରଜେକ୍ଟର ମାଧମରେ ବିଷୟ ସମ୍ପର୍କରେ ସାରଗର୍ଭକ ତତ୍ତ୍ୱ ଉପସ୍ଥାପନ କରିବା ସହ ଇତିହାସ ସର୍ବଦା ଗତିଶୀଳ ଥିଲା ଓ ରହିବ ବୋଲି କହିବା ସହ ଇତିହାସ ପଠନଦ୍ୱାରା ସକଳ ଅବିଶ୍ୱାସ ତିରୋହିତ ହୋଇ ଦୃଷ୍ଟି ଉଜ୍ଜ୍ୱଳ ହୁଏ ବୋଲି କହିଥିଲେ । ରିସୋର୍ସ ପର୍ଶନ ଭାବରେ ଯୋଗଦେଇ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁରର ଇତିହାସ ବିଭାଗ ଅଧାପକ ଡକ୍ଟର ଅରବିନ୍ଦ ବୋଷ ଇତିହାସ ସମସ୍ତ ସାମାଜିକ ବିଜ୍ଞାନର ଜନନୀ ବା ରାଣୀ ବୋଲି କହିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବୁଥ୍ ଭିତରେ ଫୋନ ବ୍ୟବହାର ଉପରେ ରୋକ ଲଗାନ୍ତୁ ସିଇଓ : ବିଜେପି

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଧାମନଗର ଉପନିର୍ବାଚନରେ ସରକାରୀ କଳ ଓ ପ୍ରଶାସନକୁ ପ୍ରଚାର କାର୍ଯ୍ୟରେ ଶାସକ ବିଜେଡି ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦଣ୍ଡନୀୟ ଅପରାଧ । ବିଜେଡି ସମର୍ଥକ କଂଟ୍ରୋଲ ଡିଲରଙ୍କ ଦ୍ୱାରା ରାସନ ସାମଗ୍ରୀ ବଂଟନ କରାଯିବା ସହ ମତଦାନ ଦେଇ ଫଟୋ ଦେଖାଇବା ପରେ ୨ହଜାର ଟଙ୍କା ଦେବାକୁ ପ୍ରଲୋଭିତ କରୁଛି ବିଜେଡି। ଯାହା ନିର୍ବାଚନ ଆଚରଣ ବିଧିକୁ ଖୁଲମ୍ ଖୁଲା ଉଲଘଂନ କରୁଛି। ତେଣୁ ମତଦାନ ବେଳେ ମୋବାଇଲ ଫୋନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ସୂଚନାଥାଉ କି, ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ଧାମନଗର ଉପନିର୍ବାଚନରେ ମତଦାନ କେନ୍ଦ୍ରରେ ମୋବାଇଲ ଫୋନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଉ। ପୂର୍ବରୁ ଅନେକ ଭୋଟର ବାଲାଟ ପେପର ଏବଂ ଭିଭିପାଟ ମେସିନ ଫଟୋକୁ ଉଠାଇ ଶାସକ ବିଜେଡି ସପକ୍ଷରେ ଭୋଟ ଦେଉଥିଲେ, ଯାହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ଏହାସହ ଶାସକ ବିଜେଡି ଭୋଟ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରୁଥିବା ପ୍ରମାଣ ମଧ୍ୟ ମିଳିଛି। ଏହା ଅତ୍ୟନ୍ତ ଅଗଣତାନ୍ତ୍ରୀକ ଏବଂ ଆଦର୍ଶ ନିର୍ବାଚନ ଆଚରଣ ସଂହିତା ବିରୋଧୀ ଅଟେ । ତେଣୁ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଏହି ପ୍ରସଙ୍ଗରେ ବିହୀତ ଏବଂ ଦୃଷ୍ଟାନ୍ତମୂଳକ କଠୋର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ କହିଛନ୍ତି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୩୦ଟଙ୍କା ନେଇ ଓଡିଶା ସରକାରଙ୍କ ଲୋଗୋ ଥିବା ଜାତୀୟ ଖାଦ୍ୟ ସୁରକ୍ଷା କାର୍ଡ ବାଂଟୁଛନ୍ତି। ଯାହାକି ଅନ୍ୟ କୌଣସି ସ୍ଥାନରେ କରାଯାଉ ନାହିଁ। କାହା ନିର୍ଦ୍ଦେଶରେ ଏସଏଚଜି ମହିଳାମାନେ ଏହି କାର୍ଯ୍ୟ କରୁଛନ୍ତି ତାହାର ତଦନ୍ତ ନିହାତି କରାଯିବା ଉଚିତ୍। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏସୁବୁକୁ ବନ୍ଦ କରିବା ଲାଗି ସିଇଓଙ୍କ ନିକଟରେ ବିଜେପି ଦାବି କରିଛି ବୋଲି ଡ. ଲେଖାଶ୍ରୀ କହିଛନ୍ତି।

# ଟିନିକୋଣିଆ ଜଙ୍ଗଲରେ ମହିଳାଙ୍କୁ ଡକାୟତି

## ସୁନାଗହଣା ଲୁଟି ଚମ୍ପଟ ମାରୁଥିଲା ବେଳେ କାବୁହେଲେ ୩ଯୁବକ

ନୀଳଗିରି,୨୧/୧୦(ନି.ପ୍ର): ଗତ ଗୁରୁବାର ରାତି ପ୍ରାୟ ୨ଟା ସମୟରେ ପରିବାରକୁ ଧରି ଜନୈକ ମହିଳା ୨ଟି ବାଇକରେ କପ୍ତିପଦାରୁ ନୀଳଗିରି ଫେରୁଥିବା ବେଳେ ଭାଲୁକାଶୁଣି ଛକ ଠାରେ ଏକ ବଲେରୋ ୫ଜଣ ଯୁବକ ମହିଳା ଜଣକୁ ବାଇକକୁ ଅଟକାଇ ନରଣପୁର ରାସ୍ତାକୁ ନେଇଯାଇ ଭୁଜାଲି ଓ ବନ୍ଧୁକଦେଖାଇ ତାଙ୍କ ଠାରୁ ରୁପା ଓ ସୁନା ଅଳଙ୍କାର ସହ ୨ଟି ମୋବାଇଲ ଡକାୟତିକରି ନେଇ ଯାଇଥିଲେ । ରାତି ଅଧରେ ଜଙ୍ଗଲ ମଝିରେ ମହିଳାଙ୍କ ସମେତ ପରିବାର ସଦସ୍ୟ ଡହଳବିକଳ ହେଉଥିବା ବେଳେ ନୀଳଗିରିରୁ କପ୍ତିପଦା ଯାଉଥିବା ଏକ ପିକ୍ଅପ ଡ୍ରାଇଭରକୁ ଅଟକାଇ ଡକାୟତି ହୋଇଥିବା ଘଟଣା କହିଲା ପରେ ଡ୍ରାଇଭର ଜଣକ ଅତି ଚତୁରତାର ସହିତ ନୀଳଗିରିର କିଛି ଯୁବକକୁ ଖବର ଦେଇଥିଲେ । ପରେ ଯୁବକମାନେ ନୀଳଗିରି ଆର.କେ.ସି.ଏ.ଟି. କଲେଜ ଛକ ଠାରେ ଦୁବୃର୍ତ୍ତମାନଙ୍କର ବଲେରୋଟିକୁ ବାଇକ୍ ଅବରୋଧ କରି ଅଟକାଇଥିଲେ। ବଲୋରେରେ ଥିବା ଡକାୟତମାନେ ଭୁଜାଲି ଖଣ୍ଡା ଧରି ନୀଳଗିରି ଯୁବକଙ୍କୁ ଆକ୍ରମଣ କରିବାକୁ କରିଥିଲେ । ପରେ ଏକାଧିକ ଯୁବକ ଏକତ୍ରିତ ହୋଇ ୩ଜଣ ଡକାୟତଙ୍କୁ କାବୁ କରିଥିଲେ। ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ୩ଜଣଙ୍କୁ ଗିରଫ କରିବା ସହ ଭୁଜାଲି, ଖଣ୍ଡା, ସମେତ ମାରଣାସ୍ତ୍ର ସହ ବଲେରୋକୁ ଜବତ କରିବାରେ ସକ୍ଷମ ହୋଇଥିଲେ । ପ୍ରାପ୍ତ ସୂଚନା ଅନୁସାରେ ଭଦ୍ରକ ଥାନା ଅଧିନସ୍ଥ ନଳାଙ୍ଗ ଗ୍ରାମର ସୁବାସ ଚନ୍ଦ୍ର ପାଣି ନିଜ ଭଉଣୀର ବିବାହିତା ବିଜୟ ଲକ୍ଷ୍ମୀ ଦାସ ଓ ତାଙ୍କର ୨ଜଣ ସଂପର୍କୀୟଙ୍କୁ ନେଇ ଦୁଇଟି ବାଇକ୍‌ରେ କପ୍ତିପଦା ବିଶେଷ କାମ ସାରି ଫେରୁଥିବା ବେଳେ ଭାଲୁକାଶୁଣି ଛକ ନିକଟରେ ଏକ ବଲେରୋ ଓଡି-୦୧-ଏଏଚ-୬୭୪୦ ମହିଳାଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ୨ଟି ମୋବାଇଲ, ନଗଦ ୧୨ ହଜାର ଟଙ୍କା, କିଛି ସୁନାରୁପା ଅଳଙ୍କାର ଛଡ଼ାଇ ନେଇଥିଲେ । ପରେ ଡକାୟତଙ୍କ ଭୟରେ ନିଘଂଚ ଜଙ୍ଗଲ ରାସ୍ତାରେ କନ୍ଦାକଟା କରୁଥିବା ବେଳେ ନୀଳଗିରିରୁ କପ୍ତିପଦା ଯାଉଥିବା ଏକ ପିକ୍ଅପ ଗାଡ଼ିକୁଅଟକାଇ ଡ୍ରାଇଭରକୁସମସ୍ତ ଘଟଣା କହିବା ପରେ ଡ୍ରାଇଭର ସମସ୍ତ ଘଟଣା କହିବା ପରେ ଡ୍ରାଇଭର ଜଣକ ନୀଳଗିରି ଯୁବକକୁ ଖବର ଦେବା ପରେ ନୀଳଗିରି କିଛି ଯୁବକ ଆର.କେ.ସି.ଏ.ଟି କଲେଜ ଛକ ଠାରେ ବଲେରୋଟିକୁ ଅଟକାଇ ୩ଜଣ ଯୁବକକୁ କାବୁ କରିଥିଲେ। ବଲୋରୋର ୫ଜଣ ଯୁବକ ଥିବା ବେଳେ ୨ଜଣ ଫେରାର ହେବାରେ ସକ୍ଷମ ହୋଇଥିବା ବେଳେ ୩ଜଣ ଡକାୟତକୁ କାବୁ କରିଥିଲେ। ଗିରଫ ୩ଜଣ ଯୁବକ ହେଲେ ବାଲେଶ୍ୱର ମଠସାହି ଅଂଚଳର ଅଜୟ କୁମାର ଦାସ, ସାହର୍ଦ୍ଦା ସଇପୁର ଗ୍ରାମର ତପନ ସାହୁ ଓ ବଗ ବାରିକ ବୋଲି ଜଣାପଡ଼ିଛି ।

## ଗୋଆ ଗସ୍ତରେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଗୋଆଠାରେ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେଉଥିବା ୧୭ ବର୍ଷରୁ କମ ମହିଳା ଫୁଟବଲ ବିଶ୍ୱକପ୍ ର କ୍ୱାଟର ଫାଇନାଲ ମ୍ୟାଚ୍ ପାଇଁ ଗୋଆ କ୍ରୀଡ଼ା ବିଭାଗର ନିମନ୍ତ୍ରଣ କ୍ରମେ ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ତଥା ଗୃହ (ରାଷ୍ଟ୍ର) ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୋଆ ଗସ୍ତରେ ଯାଇଛନ୍ତି। ଏଠାରେ ସେ ଫୁଟବଲ୍ ଖେଳାଳିମାନଙ୍କୁ ଭେଟିବା ସହ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଲକ୍ଷ୍ୟ ନେଇ ସେଠାକାର କ୍ରୀଡ଼ା ମନ୍ତ୍ରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏଥି ସହ ଓଡ଼ିଶା ବିଭିନ୍ନ କ୍ରୀଡ଼ା ଓ ଭିତିଭୂମିର ଉନ୍ନତି ଘଟାଇ ସମଗ୍ର ବିଶ୍ୱରେ ରାଜ୍ୟକୁ କିଭଳି ପ୍ରର୍ଦ୍ଦଶିତ କରିଛି, ସେ ସଂପର୍କରେ ମନ୍ତ୍ରୀ ଶ୍ରୀ ବେହେରା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବାଲେଶ୍ୱରରେ ପୁଲିସ ସହୀଦ ଦିବସ ପାଳିତ



ବାଲେଶ୍ୱର,୨୧/୧୦(ନି.ପ୍ର): ବାଲେଶ୍ୱର ଜିଲା ପୁଲିସ ପକ୍ଷରୁ ୬୩ତମ ପୁଲିସ ସହିଦ ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପ୍ୟାରେଡ୍ ପଡ଼ିଆରେ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ଜୋନ ପୁଲିସ ମହାନିରୀକ୍ଷକ (ଆଇଜି) ହିମାଂଶୁ ଲାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ୟାଗନିଷ୍ଠ କର୍ତ୍ତବ୍ୟ ହିଁ ପୁଲିସକୁ ସାଧାରଣରେ ବିଶ୍ୱାସଭାଜନ କରିପାରିଥିବା ସେ ମତପ୍ରକାଶ କରିଥିଲେ। ୧୯୫୯ ମସିହାର ଅକ୍ଟୋବର ୨୧ ତାରିଖରେ ଚୀନ୍ ସୈନ୍ୟଙ୍କ ଅତର୍କିତ ଆକ୍ରମଣରେ ଭାରତର ଏକାଳୀନ ୧୧ ଜଣ ସିଆରପିଏଫ ସୈନ୍ୟ ମୃତ୍ୟୁ ବରଣ କରିଥିଲେ। ଏହାର ସ୍ମୃତିରକ୍ଷା ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ୧୯୬୦ ମସିହାଠାରୁ ପ୍ରତିବର୍ଷ ଆଜିର ଦିନକୁ ସହିଦ ଦିବସ ରୂପେ ପାଳନ କରାଯାଉଥିବା ଆଇଜି ଶ୍ରୀ ଲାଲ୍ ପ୍ରକାଶ କରିଥିଲେ। ଗତ ବର୍ଷକ ମଧ୍ୟରେ ଭାରତର ବିଭିନ୍ନ ରାଜ୍ୟରେ ମୋଟ ୨୬୫ ଜଣ କର୍ତ୍ତବ୍ୟରତ ପୁଲିସଙ୍କର ମୃତ୍ୟୁ ହୋଇଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାରୁ ୩ ଜଣ ଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଆଇଜି ପାଠ କରିଥିଲେ। ସାମୂହିକ ପ୍ୟାରେଡ୍ ଅଭିବାଦନ ଗ୍ରହଣ ପରେ ଆଇଜି ଶ୍ରୀ ଲାଲ୍‌ଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସହିତ ଏଥିରେ ଯୋଗ ଦେଇଥିଲେ। ରିଜର୍ଭ ପୁଲିସ ଇନସ୍ପେକ୍ଟର ସଦାଇ ଶଙ୍କର ଟୁଡୁ ପ୍ୟାରେଡ୍ ପରିଚାଳନା କରିଥିବା ବେଳେ ସର୍ଜେଣ୍ଟ ପ୍ରବୀଣ କୁମାର ସକ୍ରିୟ ସହଯୋଗ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀ ଓ ଅନୀଲ କୁମାର ପ୍ରଧାନ, ଡିଏସପି ବ୍ରଜେଶ୍ୱରୀ ବଳ, କ୍ଷିତୀଶ କୁମାର ଜେନା, ମାନସ କୁମାର ଦେ, ଗାୟତ୍ରୀ ପ୍ରଧାନ, ଆଲୋକ ରଂଜନ ରାୟ, ବଳରାମ ନାୟକ ଓ ବ୍ରଜମୋହନ ପ୍ରଧାନ, ସଦର ଏସଡିପିଓ ଶଶାଙ୍କ ଶେଖର ବେଉରା, ଜଳେଶ୍ୱର ଏସଡିପିଓ ଦିଲୀପ କୁମାର ସାହୁ, ନୀଳଗିରି ଏସଡିପିଓ ରୀତେଶ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ଥାନାର ଅଧିକାରୀମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ପଂଚାୟତ ସମିତିର ୨ୟ ବୈଠକ ଅନୁଷ୍ଠିତ

ନୀଳଗିରି,୨୧/୧୦(ନି.ପ୍ର): ନୀଳଗିରି ପଂଚାୟତ ସମିତିର୨ୟ ସାଧରଣବୈଠକ ଆଜି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବି.ଡି.ଓ. ଶ୍ରୀଯୁକ୍ତ ରାହୁଲ ମଣ୍ଡଳ ଉପସ୍ଥିତ ଥିବା ବେଳେ ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଅଧକ୍ଷତା କରିଥିଲେ। ଉକ୍ତ ବୈଠକରେ ପୂର୍ବ ବୈଠକର ବିବରଣୀ ଓ ଅନୁମୋଦନ ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଜନହିତକର କାର୍ଯ୍ୟ, ଓଡ଼ିଶା ଜୀବୀକମିଶନ, ଓ ମିଶନ ଶକ୍ତି ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବଜାର ଚାହିଦା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏତଦ୍‌ବ୍ୟତୀତ କୃଷି ଉଦ୍ୟାନ, କ୍ଷୁଦ୍ର ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପାନୀୟଜଳ , ପରିମଳ ବ୍ୟବସ୍ଥା ସମେତ ପଂଚାୟତ ସମିତିର ଆୟବ୍ୟୟ, ଖାଦ୍ୟସୁରକ୍ଷା, ଖାଉଟି ବଂଟନ ବ୍ୟବସ୍ଥା ପ୍ରସଙ୍ଗରେ ଉପସ୍ଥିତ ଥିବା ବିଭିନ୍ନ ପଂଚାୟତର ଲୋକ ପ୍ରତିନିଧି ନିଜ ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଉକ୍ତ ଉକ୍ତ ବୈଠକ ବି.ଡି.ଓ. ଶ୍ରୀଯୁକ୍ତ ମଣ୍ଡଳ ସମସ୍ତ ପଂଚାୟତର ସରପଂଚ ଓ ପଂଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ବିଦ୍ୟୁତ୍ ବକେୟା ପୈଠ ସଂପର୍କରେ ଅବଗତ କରିଥିଲେ । ତତ୍‌ସହିତ ପଂଚାୟତ ସ୍ତରୀୟ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଗ୍ରାମାଂଚଳରେ ଶିଶୁଉଦ୍ୟାନ ନିର୍ମାଣ, ଆଦର୍ଶ ଅଙ୍ଗନୱାଡ଼ି ନିର୍ମାଣ ନିମନ୍ତେ ପ୍ରସ୍ତାବଆଗତ କରିଥିଲେ । ଅପରପକ୍ଷେ ବି.ଡି.ଓ.ଙ୍କ କାର୍ଯ୍ୟକଳାପକୁ ବିରୋଧ କରି ବିଜେପି ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ଆଜିର ବୈଠକକୁ ବର୍ଜନ କରିଥିଲା ବେଳେ ଏକ ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ବି.ଡି.ଓ. ରାହୁଲ ମଣ୍ଡଳ ଗତ ୧୩ତାରିଖରେ କିଛି ପି.ଇ.ଓ.ଙ୍କୁ ବଦଳି କରିଥିଲେ । ମାତ୍ର ଯେଉଁ ପି.ଇ.ଓ. ବିରୋଧରେ ଅଭିଯୋଗ ହୋଇଥିଲା, ସେ ପି.ଇ.ଓ. ଙ୍କୁ ବଦଳି କରାନ ଯିବାରୁ ଏହା ବି.ଡି.ଓ.ଙ୍କର ମନମୁଖୀ କାର୍ଯ୍ୟକଳାପ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ରାଜଧାନୀରେ ୮ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୧/୧୦(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୧୦୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୪୪୪ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୧୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୪୨ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ନ୍ୟାସନାଲ ମାଷ୍ଟର ପାୱାର ଲିଫ୍ଟିଂଗରେ ବାଲେଶ୍ୱରର ସୁଜିତଙ୍କୁ ରୌପ୍ୟ ପଦକ



ବାଲେଶ୍ୱର,୨୧/୧୦(ନି.ପ୍ର): ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମି ଅଭାବ ସତ୍ତ୍ୱେ ବ୍ୟକ୍ତିଗତ ଉଦ୍ୟମରେ ଜାତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବାଲେଶ୍ୱର ସହର ମାନସିଂବଜାର ଅଞ୍ଚଳର ଯୁବକ ସୁଜିତ କୁମାର ଗିରି। ମହାରାଷ୍ଟ୍ରର ଚନ୍ଦ୍ରପୁର ଠାରେ ଅନୁଷ୍ଠିତ ନ୍ୟାସନାଲ ସିନିୟର ଓ ମାଷ୍ଟର କ୍ଲାସିକ ପାୱାର ଲିଫ୍ଟିଂ ପ୍ରତିଯୋଗିତାର ୫୯ କେଜି ବର୍ଗରେ ଓଡିଶାରୁ ପ୍ରତିନିଧିତ୍ୱ କରି ମୋଟ ୩୬୫ କିଲୋଗ୍ରାମର ଭାର ଉତ୍ତୋଳନ ସହ ଏସେ ସିଲଭର ମେଡାଲ ପାଇଛନ୍ତି। ଏହି ପ୍ରତିଯୋଗିତାର ସ୍କ୍ୱାର୍ଟରେ ୧୨୫ କିଲୋଗ୍ରାମ, ବେଞ୍ଚରେ ୬୦ କିଲୋଗ୍ରାମ ଓ ଡେଡ ଲିଫ୍ଟିଂରେ ୧୫୦ କିଲୋଗ୍ରାମ ଓଜନ ଉଠାଇଥିଲେ । ୫୯ କିଲୋଗ୍ରାମ ବର୍ଗରେ ମୋଟ ୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କେରଳର ପ୍ରତିଯୋଗୀ ସ୍ୱର୍ଣ୍ଣ ଓ ଛତିଶଗଡ଼ର ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ମିଳିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥାଇ ସୁଜିତ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡିଶାରୁ ଅଂଶଗ୍ରହଣ କରିଥିବା ୧୭ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁଏକମାତ୍ର ଖେଳାଳି ଭାବେ ୫୯ କିଲୋଗ୍ରାମ ବର୍ଗରେ ସେ ରାଜ୍ୟର ଟେକ ରଖିପାରିଛନ୍ତି । ନିଜସ୍ୱ ପ୍ରଚେଷ୍ଟାରେ ଅଭ୍ୟାସ ଜାରି ରଖି ଜିଲା ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରୀୟ ଏମିତିକି ଜାତୀୟ ସ୍ତରର ବହୁ ପ୍ରତିଯୋଗିତାରେ ସେ ବେଶ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ ପାଇଥିବା ବେଳେ ଗତ ଏପ୍ରିଲ ମାସରେ କେରଳ ରାଜ୍ୟର ଆଲାପୁଜାରେ ଅନୁଷ୍ଠିତ ସର୍ବ ଭାରତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ମେଡାଲ ପାଇଥିଲେ । ସେହିଭଳି ୨୦୧୮ ମସିହାର ରାଞ୍ଚିରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସିଲଭର, ମହାରାଷ୍ଟ୍ର ଓ ତାମିଲନାଡୁରେ ଆୟୋଜିତ ପ୍ରତିଯୋଗିତାରେ ବ୍ରୋଞ୍ଜ ମେଡାଲ ପାଇଥିଲେ।

## ବିଦ୍ରନାଥ ଧାମରେ ପ୍ରଧାନମନ୍ତ୍ରୀଙ୍କ ପୂଜା ଓ ଦର୍ଶନ

ଦେହରାଦୁନ,୨୧/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି (ଶୁକ୍ରବାର) ଶ୍ରୀବଦ୍ରିନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ଶ୍ରୀ ମୋଦୀ ଭିତର ଗର୍ଭଗୃହରେ ପ୍ରାର୍ଥନା କରିଥିଲେ। ସେ ମଧ୍ୟ ଅଳକନନ୍ଦା ନଦୀ ପାର୍ଶ୍ୱ ବିକାଶମୂଳକ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହିତ ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଓ ରାଜ୍ୟପାଳ ଅବସରପ୍ରାପ୍ତ ଜେନେରାଲ ଗୁରମିତ ସିଂ ମଧ୍ୟ ଉପସ୍ଥିତ ଥିଲେ ।

# ସେବା ହିଁ ପରମ ଧର୍ମ - ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ




ଉଦଳା,୨୧/୧୦(ନି.ପ୍ର): କପ୍ତିପଦା ଉଚ୍ଚ ମାଧମିକ ବିଦ୍ୟାଳୟ, ନୂଆସାହିର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ଆଜି ୫ମ ଦିବସରେ ଭୋଗ ନୁହେଁ, ତ୍ୟାଗ ହିଁ ଜୀବନର ଉଦ୍ଦେଶ୍ୟ ହେବା ଉଚିତ ବୋଲି ଅନୁଷ୍ଠିତ କର୍ମଶାଳାରେ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ମତ ରଖିଥିଲେ । ଜାତୀୟ ସେବା ଯୋଜନାର ଜିଲ୍ଲା ସ୍ତରୀୟ ପର୍ଯ୍ୟବେକ୍ଷକ ଚନ୍ଦ୍ର ଶେଖର ମହାନ୍ତ ଆଜି ଆକସ୍ମିକ ଭାବରେ ପର୍ଯ୍ୟବେକ୍ଷଣ କରିବାକୁ ଆସି ଶିବିରାର୍ଥୀଙ୍କ ସହ ସ୍ୱତନ୍ତ୍ର ଶିବିର ବାବଦରେ ବହୁ ଉପାଦେୟ କଥା ଆଲୋଚନା କରିବା ସହ ଶିବିରର ସୁବିଧା ଏବଂ ଅସୁବିଧା ସମ୍ପର୍କରେ ଶିବିରାର୍ଥୀଙ୍କଠାରୁ ଅବଗତ ହୋଇଥିଲେ। ସେ ମଧ୍ୟ କର୍ମଶାଳାରେ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ସେମାନଙ୍କର ସେବା ମନୋବୃତ୍ତି ନିମନ୍ତେ ଧନ୍ୟବାଦ ଅର୍ପଣ କରିବା ସହ ଉତ୍ସାହିତ କରିଥିଲେ । ସେବା ମାଧ୍ୟମରେ ପରକୁ କିପରି ଆପଣାର କରାଯାଇପାରେ ସେ ଶିବିରାର୍ଥୀଙ୍କୁ କହିଥିଲେ । ପ୍ରୋଗ୍ରାମ ଅଫିସର ଅମ୍ବିକା ପ୍ରସାଦ ପୁଥାଳ ମଞ୍ଚ ପରିଚାଳନା କରିବା ସହ କ୍ଷେତ୍ର ପରିଦର୍ଶକଙ୍କ ସମସ୍ତ ବିବରଣୀ ପ୍ରଦାନ କରିଥିଲେ ।

# ଅର୍ଚ୍ଚନା ନାଗଙ୍କ ସହ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କର ପର୍ଦ୍ଦାଫାସ ଦାବି କଲା ଯୁବ କଂଗ୍ରେସ



ଭଦ୍ରକ,୨୧/୧୦(ନି.ପ୍ର): ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଂଜନ ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରାଙ୍କ ନେତୃତ୍ୱରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅର୍ଚନା ନାଗଙ୍କ ପ୍ରସଙ୍ଗରେ ଧାରଣା ଦିଆଯିବା ସହ ଏକ ଦାବିପତ୍ର ଦାବିପତ୍ର ପ୍ରଦାନ କରାଯାଇଛି । ଶ୍ରୀ ବେହୁରାଙ୍କ କହିବାନୁଯାୟୀ ଏବେ ଅର୍ଚ୍ଚନା ନାଗ କେଳଙ୍କାରୀ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଏହି କେଳଙ୍କାରିରେ ବହୁ ବଡ଼ ବଡ଼ିଆ ସଂପୃକ୍ତ ଅଛନ୍ତି। ରାଜ୍ୟ ସରକାରଙ୍କ ୫୦ରୁ ଉର୍ଦ୍ଧ୍ୱ ନେତା, ମନ୍ତ୍ରୀ, ବିଧାୟକ, ସରକାରୀ ଅଧିକାରୀ, ପୁଲିସ ଅଧିକାରୀ, ବହୁ ଉଚ୍ଚ ପଦସ୍ଥ ଅଧିକାରୀ ସଂପୃକ୍ତ ଥିବା ଘଟଣା କ୍ରମେ ଲୋକ ଲୋଚନକୁ ଆସୁଛି। ଏପରିକି ରାଜ୍ୟ ସଚିବାଳୟର ଥାର୍ଡ଼ ଫ୍ଲୋରକୁ ମଧ ଅର୍ଚ୍ଚନାଙ୍କ ଅବାଧ ପ୍ରବେଶ ଥିବା ଜଣାପଡ଼ିଛି। ଅର୍ଚ୍ଚନାଙ୍କ ପଛରେ ସରକାରୀ କଳର ଅପବ୍ୟବହାର କରାଯିବା ସହ ବହୁ କଳାଧନ ବିନିଯୋଗ କରାଯାଇଥିବା ସୂଚନା ଆସୁଛି। ସେମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ପୁଲିସ ତଦନ୍ତରେ ଶୀଥିଳତା ଦେଖା ଦେଇଛି। ରାଜ୍ୟରେ ଗରିବ ଜନ ସାଧାରଣ ନିଜ ପରିବାର ଓ ପେଟ ପୋଷଣ ପାଇଁ ପ୍ରତ୍ୟେକ ଦିନ ସଂଘର୍ଷ କରୁଥିବାବେଳେ, ଜନ ପ୍ରତିନିଧିମାନେ ଅତ୍ୟନ୍ତ ନିର୍ଲଜ ଭାବରେ ଅର୍ଚ୍ଚନାଙ୍କ ଭଳି ମହିଳାଙ୍କ ପଛରେ କୋଟି କୋଟି ଟଙ୍କା ଉଡ଼ାଇଛନ୍ତି। ତେଣୁ ପୁଲିସ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଅର୍ଚ୍ଚନାଙ୍କ ସମ୍ପର୍କରେ ଥିବା ସମସ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବା ସହ ସରକାରୀ ପ୍ରୋତ୍ସାହନର ସବିଶେଷ ତଥ୍ୟ ପ୍ରକାଶ କରିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ସଭାପତି ଇଲିୟାସ ଅଲ୍ଲୀ ଖାଁ, ବ୍ଲକ ସଭାପତି ରତିରଂଜନ ବାରିକ, ଟାଉନ ସଭାପତି ଟନି ଅଲ୍ଲୀ, ଭଣ୍ଡାରିପୋଖରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ରାଜକିଶୋର ପଣ୍ଡା, ବ୍ଲକ ସଭାପତି ରାଜେଶ ଜେନା, ଶତାଧିକ ଯୁବ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

## ଟେରାକୋଟା ପ୍ରଦର୍ଶନୀ ଆଉ ଗୋଟିଏ ଦିନ ବଢ଼ିଲା

ଭୁବନେଶ୍ୱର, ୨୧/୧୦(ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଏକାମ୍ର ହାଟଠାରେ ଅକ୍ଟୋବର ୧୫ ତାରିଖଠାରୁ 'ମୃତିକା-୨୨' ଆରମ୍ଭ ହୋଇଛି। ଦର୍ଶକ ଓ ଗ୍ରାହକମାନଙ୍କ ଆଗ୍ରହ ଓ ଉତ୍କଣ୍ଠାକୁ ଦୃଷ୍ଟିରେ ରଖି ଏହି ଟେରାକୋଟା ପ୍ରଦର୍ଶନୀକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। 'ମୃତିକା ଅକ୍ଟୋବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସୂତ୍ରରୁ ପ୍ରକାଶ । ମୃତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀର ଅବଧି ଅକ୍ଟୋବର ୨୨ ତାରିଖ ପର୍ଯ୍ୟନ୍ତ ଥିଲା। ଏହି ଟେରାକୋଟା ପ୍ରଦର୍ଶନୀ 'ମୃତିକା-୨୨'ରେ ୧୨୫ଟି ଷ୍ଟଲରେ ୨୨୫ ଜଣ କାରିଗର ସେମାନଙ୍କର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି।

# ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବିଶ୍ୱପ୍ରସିଦ୍ଧ ଶିମିଳିପାଳ

## ୫ଟି ନେଚର କ୍ୟାମ୍ପ ସହ ରାତ୍ରୀଯାପନ ପାଇଁ ୫୯ଟି କୁଟୀର ପ୍ରସ୍ତୁତ




ବାରିପଦା,୨୧/୧୦(ନି.ପ୍ର): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଆସନ୍ତା ନଭେମ୍ବର ୧ ତାରିଖରେ ପର୍ଯ୍ୟଟକ ମାନଙ୍କ ପାଇଁ ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଖୋଲିବା ନେଇ ବ୍ୟାପକ ପୂର୍ବ ପ୍ରସ୍ତୁତି ଚାଲିଥିବାର ଜଣାଯାଇଛି । ଶିମିଳିପାଳ ମଧକୁ ପ୍ରବେଶ ନିମନ୍ତେ ଅନଲାଇନ ଯୋଗେ ଯାନବାହନ ପରମିଟ ଏବଂ ଶିମିଳିାଳ ଭିତରେ ରହିବା ପାଇଁ କଟେଜ ବ୍ୟବସ୍ଥା କରାଯାଇଛି । ସାନ୍ତାଳ କଟେଜ, ଟ୍ରି ହାଉସ, ବାମ୍ବୋ ହାଉସ ସହିତ ସୁସ୍ୱାଦୁ ଖାଦ୍ୟ ପାଇଁ ମଧ ଅଗ୍ରୀମ ଅର୍ଡର ଦେବାର ବ୍ୟବସ୍ଥା କରାଯାଇଛି । ମୋଟ ୨୭୫୦ବର୍ଗ କି.ମି. ପରିମିତ ଶିମିଳିପାଳର ନୈସ୍ୱର୍ଗୀକ ଶୋଭାରାଜି ଏଠାକାର ନଭଶ୍ଚୁମ୍ବୀ ଶାଳବଣ, ଝରଣା, ଜଳପ୍ରପାତ, ସହ ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ନିମନ୍ତେ ସାରା ବିଶ୍ୱର ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଥାଏ । ତେବେ ବାରିପଦା ପଟୁ ପିଠାବଟା ଗେଟ ଦେଇ ଏବଂ ଯଶିପୁର ପଟୁ କାଳିଆମୀ ପ୍ରବେଶ ପଥ ଦେଇ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧକୁ ପ୍ରବେଶ କରିବାକୁ ବ୍ୟବସ୍ଥା ରହିଥିବା ବେଳେ, ପର୍ଯ୍ୟଟକ ମାନଙ୍କ ପାଇଁ ଜେନାବିଲ, ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ, ବରେହିପାଣି ଓ ରାମତୀର୍ଥ ଠାରେ ୫ଟି ନେଚର କ୍ୟାମ୍ପ ରହିଥିବା ବେଳେ, ୫ଟି ବଫର ଜୋନରେ ରାତ୍ରୀଯାପନ କରିବା ପାଇଁ ମୋଟ୫୯ଟି କୁଟୀର ବା କଟେଜ ରହିଥିବା ଜଣାଯାଇଛି । ଅଭୟାରଣ୍ୟ ଭିତରକୁ ପ୍ରବେଶ ପାଇଁ ସାଥିରେ ବିଭାଗୀୟ ଗାଇଡ ନେବାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ, ଅଭୟାରଣ୍ୟ ଭିତରକୁ ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକଦ୍ରବ୍ୟ ନେବା ଉପରେ କଟକଣା ଲାଗୁ କରାଯାଇଛି । ଅଭୟାରଣ୍ୟ ଭିତରକୁ ପ୍ରବେଶ କରିଥିବା ପର୍ଯ୍ୟଟକ ମାନେ ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଷ୍ଟେସନ ଏବଂ ଅପରାହ୍ନ ୪ଟା ପୂର୍ବରୁ ଚହଲା ଷ୍ଟେସନ ଛାଡ଼ିବା ପାଇଁ ନିୟମ କରାଯାଇଛି । ଶିମିଳିପାଳରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ସେମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କାଡ ଗଠନ ସହ ବନ ସୁରକ୍ଷା ସମିତି ମାଧମରେ ଖାଦ୍ୟ ପରିବେଷଣ ପାଇଁ ବ୍ୟବସ୍ଥା କରାଯାଇଛି । ଶିମିଳିପାଳ ଭିତରେ ରାତ୍ରୀ ରହଣୀ ଏବଂ ଖାଦ୍ୟ ଯୋଗାଣ ନିମନ୍ତେ ବୁକିଂ ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo